ମାତ୍ର ୩୫ ରନ୍ କରିବା ମାତ୍ରେ ତେନ୍ଦୁଲକରଙ୍କ ରେକର୍ଡ଼ ଭାଙ୍ଗିବେ କୋହଲି

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

e-paper www.sambadkalika.in

ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

ମୂଲ୍ୟ ୨.୦୦ ଟଙ୍କା : 8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୨୪୧ ● ୨୭ ସେପ୍ଟେମ୍ବର ୨୦୨୪, ଶୁକ୍ରବାର ● ଭୁବନେଶ୍ୱର ● Vol -31 ● Issue-241 ● 27th September 2024, Friday ● Bhubaneswar | Licensed to post without pre-payment of postage No- BN-60/22-24

ବିଜେପିରେ ନେତା ପୁଅ ନେତା ହୁଏନି, ମାଟିରୁ ଆସିଥିବା ବ୍ୟକ୍ତି ନେତା ହୁଏ

ଭୁବନେଶ୍ୱର, ୨୬।୯

ନ୍ୟୁଜ୍ ବ୍ୟୁରୋ

ବିଶ୍ୱରେ ଆଦର୍ଶରେ ଚାଲୁଥିବା ଗୋଟିଏ ମାତ୍ର ଦଳ ହେଉଛି ବିଜେପି। ଭାରତରେ ୫ ହଜାର ପାର୍ଟି, ୫୦ରୁ ଅଧିକ ଆକ୍ଟିଭ ପାର୍ଟି ଅଛି । ବିଜେପି ଏକମାତ୍ର କ୍ୟାଡର ପାର୍ଟି, ଯାହାର ସଦସ୍ୟତା ପ୍ରଣାଳୀ ସବୁଠୁ ସ୍ୱଚ୍ଛ । ଏଠି ନେତାର ପୁଅ ନେତା ହୁଏନି, ଗ୍ରାଉଣ୍ଡରୁ ଆସୁଥିବା ବ୍ୟକ୍ତି ନେତା ହୁଏ। ଗୁରୁବାର କିଛି ଏଭଳି ଭାବେ ଦଳୀୟ ନେତା ଓ କର୍ମୀଙ୍କୁ ସମ୍ବୋଧନ କରିଛନ୍ତି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା । ଭୁବନେଶ୍ୱର ଗସ୍ତ କରି ଦଳର ସଦସ୍ୟତା ଅଭିଯାନକୁ ବ୍ୟାପକ କରିଛନ୍ତି। ଏହି ଅବସରରେ ବିରୋଧୀଙ୍କୁ ନିଶାନା କରିଛନ୍ତି ନଡ୍ଡା।

ସେ କହିଛନ୍ତି, ଦେଶ ଏବେ ବିକାଶର ଦ୍ରୁତ ପଥରେ ଆଗକୁ ବଢି ଚାଲିଛି। ନା ନନେଇ ରାହୁଲ ଓ ପ୍ରିୟଙ୍କା ଗାନ୍ଧିଙ୍କୁ ସମାଲୋଚନା କରି କହିଛନ୍ତି, ଭାଇ ଭଉଣୀଙ୍କୁ ବିକାଶ ଦେଖାଯାଇନି, କେବଳ ବେକାରୀ ଓ ମହଙ୍ଗା କଥା କହୁଛନ୍ତି। ଆମେରିକା, ୟୁରୋପ, ଅଷ୍ଟ୍ରେଲିଆର ଅର୍ଥନୀତି ଅସ୍ଥିର। ଭାରତର ଅର୍ଥନୀତି କ୍ରମଶଃ ଅଗ୍ରଗତି କରୁଛି, ଏକଥା ବୋଧେ ସେମାନଙ୍କୁ ଦେଖାଯାଉନି। ପଶ୍ଚିମବଙ୍ଗରେ ବାମ ଦଳ ପରସ୍ପର ସହ ଲଢୁଛନ୍ତି। କିନ୍ତୁ ଦିଲ୍ଲୀରେ ସାଥି ହେଉଛନ୍ତି। ତ୍ରିପଲ ତଲାକ ହଟାଇ ସମାଜରେ ସମାନତା ଆଣିଛି ବିଜେପି।

ମୁସଲିମ ରାଷ୍ଟ୍ର ବାଂଲାଦେଶ, ପାକିସ୍ତାନର ଉଦାହରଣ ଦେଇ ନଡ୍ଡା ଆହୁରି କହିଛନ୍ତି କି, ବାଂଲାଦେଶ, ପାକିସ୍ତାନ ଓ ଇରାନରେ ତ୍ରିପଲ ତଲାକ ନାହିଁ । କିନ୍ତୁ ଭାରତରେ ଧର୍ମନିରପେକ୍ଷ ନାଁରେ ତ୍ରିପଲ ତଲାକ ଚାଲିଥିଲା। ମୋଦି ଆସିଲେ ମୁସଲମାନ ଭଉଣୀଙ୍କୁ ମୁକ୍ତି ଦେଲେ। ରାମ ମନ୍ଦିର ବନେଇବୁ *(ପୃଷ୍ଠା ୭ରେ)*

ଶ୍ରମିକମାନଙ୍କ ପାଇଁ ସର୍ବନିମ୍ନ ମଜୁରୀ ବୃଦ୍ଧି କଲେ କେନ୍ଦ୍ର ସରକାର

ନୂଆଦିଲ୍ଲୀ, ୨୬।୯

ଶ୍ରମିକ ବିଶେଷକରି ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପାଇଁ ବଡ଼ ନିଷ୍ପତ୍ତି ନେଇଛନ୍ତି କେନ୍ଦ୍ର ସରକାର। ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କ୍ରମେ କେନ୍ଦ୍ର ସରକାର ସର୍ବନିମ୍ନ ମଜୁରୀ ହାରରେ ପରିବର୍ତ୍ତନଶୀଳ ମହଙ୍ଗା ଭତ୍ତା (ଭିଡିଏ) ସଂଶୋଧନ କରି ଘୋଷଣା କରିଛନ୍ତି।

କେନ୍ଦ୍ରୀୟ କ୍ଷେତ୍ର ପ୍ରତିଷ୍ଠାନଗୁଡିକ ମଧ୍ୟରେ ନିର୍ମାଣ, ଲୋଡିଂ ଏବଂ ଅନଲୋଡିଂ, ସୁରକ୍ଷାରେ ନିୟୋଜିତ ଏବଂ ୱାର୍ଡ, ସୁଇପିଂ, ସଫା କରିବା, ଗୃହରକ୍ଷୀ, ଖଣି ଏବଂ କୃଷି ସମେତ ବିଭିନ୍ନ କ୍ଷେତ୍ରରେ ନିୟୋଜିତ ଶ୍ରମିକମାନେ ସଂଶୋଧିତ ବେତନ ହାରରେ ଉପକୃତ ହେବେ। ନୂତନ ମଜୁରୀ ହାର ଅକ୍ଟୋବର ୧, ୨୦୨୪ ରୁ କାର୍ଯ୍ୟକାରୀ ହେବ । ଏପ୍ରିଲ ୨୦୨୪ ରେ ଶେଷ ସଂଶୋଧନ କରାଯାଇଥିଲା।

ସଂଶୋଧନ ପରେ, ଅଣଶିକ୍ଷିତ କାର୍ଯ୍ୟ ପାଇଁ ନିର୍ମାଣ, ସ୍ୱିପ୍, ସଫା କରିବା, ଲୋଡିଂ ଏବଂ ଅନଲୋଡିଂରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ପାଇଁ ସର୍ବନିମ୍ନ ମଜୁରୀ ହାର ଦିନକୁ ୭୮୩ ଟଙ୍କା (ମାସକୁ ୨୦,୩୫୮ ଟଙ୍କା) । ସେହିଭଳି କୁଶଳୀ, କିରାଣୀ ଏବଂ ୱାଚ ଏବଂ ୱାର୍ଡ ପାଇଁ ଦିନକୁ ୯୫୪ ଟଙ୍କା (ମାସକୁ ୨୪,୮୦୪ ଟଙ୍କା) ଏବଂ ଉଚ୍ଚ କୁଶଳୀ ତଥା ୱାଚ ୱାର୍ଡ ପାଇଁ ଦିନକୁ ୧,୦୩୫ ଟଙ୍କା (ମାସକୁ ୨୬,୯୧୦ ଟଙ୍କା) । ସେହିଭଳି କୁଶଳୀ, କିରାଣୀ ଏବଂ ୱାଚ ଏବଂ ୱାର୍ଡ ପାଇଁ ଦିନକୁ ୯୫୪ ଟଙ୍କା (ମାସକୁ ୨୪,୮୦୪ ଟଙ୍କା) ଏବଂ ଉଚ୍ଚ କୁଶଳୀ ତଥା ୱାଚ ୱାର୍ଡ ପାଇଁ ଦିନକୁ ୧,୦୩୫ ଟଙ୍କା (ମାସକୁ ୨୬,୯୧୦ ଟଙ୍କା) ହେବ।

ଏସିଆର ତୃତୀୟ ଶକ୍ତିଶାଳୀ ଦେଶ ହେଲା ଭାରତ

ସୁପର ପାୱାର ଋଷିଆ–ଜାପାନକୁ ପଛରେ ପକାଇଲା

ନୂଆଦିଲ୍ଲୀ, ୨୬।୯

ଜାପାନକୁ ପଛରେ ପକାଇଲା ଭାରତ। ଏସିଆରେ ତୃତୀୟ ଶକ୍ତିଶାଳୀ ଦେଶ ଭାବେ ପରିଗଣିତ ହେଲା ଭାରତ। ଏସିଆ ପାୱାର ଇଣ୍ଡେକ୍ସ ଅନୁସାରେ ଭାରତ ଏସିଆର ତୃତୀୟ ସ୍ଥାନରେ ପହଞ୍ଚିଛି। ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଏଭଳି ସୂଚନା ଦିଆଯାଇଛି।

ମନ୍ତ୍ରଣାଳୟ କହିଛି ଯେ, ଭାରତର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି, ଯୁବ ଜନସଂଖ୍ୟା ଏବଂ ଅର୍ଥବ୍ୟବସ୍ଥାରର ସମ୍ପ୍ରସାରଣ ଯୋଗୁଁ ଭାରତର ସ୍ଥିତିରେ ସୁଧାର ଆସିଛି । ଏଥିସହ ବିଶ୍ୱରେ ଭାରତର ବଢୁଥିବା ବିଶ୍ୱସନୀୟତାକୁ ମଧ୍ୟ ଦର୍ଶାଉଛି । ଏକ ଉଲ୍ଲେଖନୀୟ ପରିବର୍ତ୍ତନ ସ୍ୱରୂପ ଭାରତ ଜାପାନକୁ ପଛରେ ପକାଇ ଏସିଆ ପାୱାର ଇଣ୍ଡେକ୍ସରେ ତୃତୀୟ ଶକ୍ତିଶାଳୀ ଦେଶର ମାନ୍ୟତା ହାସଲ କରିଛି।

୨୦୧୮ରୁ ଏସିଆ ପାୱାର ଇଣ୍ଡେକ୍ସର ମୂଲ୍ୟାଙ୍କନ କରୁଛି । ୨୦୨୪ର ଏହି ରିପୋର୍ଟ ଅନୁସାରେ ଭାରତ ୩୯.୧ ପଏଣ୍ଟ ହାସଲ କରିବା ସହିତ ଜାପାନକୁ ପଛରେ ପକାଇଛି । ଜାପାନକୁ ୩୮.୯ ପଏଣ୍ଟ ମିଳିଛି। ଏସୀୟ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ବାର୍ଷିକ ଭିତ୍ତିରେ ଶକ୍ତିଶାଳୀ ଦେଶମାନଙ୍କର ଏକ ତାଲିକା ପ୍ରସ୍ତୁତ କରାଯାଏ। ଏଥିରେ ଏସୀୟ ପ୍ରଶାନ୍ତ ମହାସାଗରୀୟ ୨୭ଟି ଦେଶର ସ୍ଥିତିର ମୂଲ୍ୟାଙ୍କନ କରାଯାଇଥାଏ। ତେବେ ଚଳିତ ବର୍ଷ ଏହି ତାଲିକାରେ ଆମେରିକା ୮୧.୭ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଦ୍ୱିତୀୟ ସ୍ଥାନରେ ରହିଛି ଚୀନ।

ପରମାଣୁ ବୋମା ପକାଇବ ଋଷିଆ ପୁଟିନ୍‌ଙ୍କ ଫାଇନାଲ ଚେତାବନୀ

ମସ୍କୋ, ୨୬।୯

ଋଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ପଶ୍ଚିମ ଦେଶମାନଙ୍କୁ ଏକ ବଡ଼ ଚେତାବନୀ ଦେଇଛନ୍ତି। ତାଙ୍କ ବିବୃତ୍ତି ପରେ ସମଗ୍ର ବିଶ୍ୱରେ ଉତ୍ତେଜନା ଦେଖାଦେଇଛି। ୟୁକ୍ରେନର ବର୍ଦ୍ଧିତ ଆକ୍ରମଣ ସମ୍ପର୍କରେ ପୁଟିନ ପାଶ୍ଚାତ୍ୟ ଦେଶମାନଙ୍କୁ ଚେତାବନୀ ଦେଇ କହିଛନ୍ତି, ଯଦି ଋଷିଆକୁ ପାରମ୍ପରିକ ମିଶାଇଲ ଦ୍ୱାରା ଆକ୍ରମଣ କରାଯାଏ ତେବେ ଏହା ପରମାଣୁ ବୋମା ବ୍ୟବହାର କରିବ। ଯେକୌଣସି ଆଣବିକ ଶକ୍ତି ସାହାଯ୍ୟରେ ଋଷିଆ ଉପରେ ହୋଇଥିବା ଆକ୍ରମଣକୁ ମିଳିତ ଆକ୍ରମଣ ଭାବରେ ବିବେଚନା କରାଯିବ।

ଋଷିଆର ଆଣବିକ ନୀତିରେ ପୁଟିନଙ୍କ ଘୋଷଣା ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ପ୍ରତିପାଦିତ କରିଛି। ଆମେରିକା ଏବଂ ବ୍ରିଟେନରେ ଚାଲିଥିବା ଆଲୋଚନାର ଜବାବରେ ୟୁକ୍ରେନକୁ ଋଷିଆରେ ବିପଜ୍ଜନକ ପାଶ୍ଚାତ୍ୟ କ୍ଷେପଣାସ୍ତ୍ର ନିକ୍ଷେପ କରିବାକୁ ଅନୁମତି ଦିଆଯାଇଛି । ସୁରକ୍ଷା ପରିଷଦ ବୈଠକରେ ପୁଟିନ ପରମାଣୁ ନୀତିରେ ହୋଇଥିବା ପରିବର୍ତ୍ତନ ସମ୍ପର୍କରେ ଅଧିକାରୀମାନଙ୍କୁ ସୂଚନା ଦେଇଛନ୍ତି । ବିଶ୍ୱର ଦ୍ରୁତ ପରିବର୍ତ୍ତନ ଏବଂ ଋଷିଆ ପ୍ରତି ବିପଦକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନେବା ଆବଶ୍ୟକ *(ପୃଷ୍ଠା ୭ରେ)*

TATA MOTORS

Light Commercial Vehicles Dealers

24 hours help line :

Sales : 7873770000

ଦେଶକୁ ମିଳିଲା ୩ଟି ନୂଆ ସୁପର କମ୍ପ୍ୟୁଟର, ମୋଦି କଲେ ଉଦ୍‌ଘାଟନ

ନୂଆଦିଲ୍ଲୀ, ୨୬।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୩ଟି ପରମ ରୁଦ୍ର ସୁପରକମ୍ପ୍ୟୁଟିଂ ସିଷ୍ଟମ ଏବଂ ପାଣିପାଗ ଓ ଜଳବାୟୁ ପାଇଁ ଏକ ହାଇ ପରଫର୍ମାନ୍ସ କମ୍ପ୍ୟୁଟିଂ ସିଷ୍ଟମର ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ମୋଦି କହିଛନ୍ତି ଯେ ସୁପର କମ୍ପ୍ୟୁଟର ନିର୍ମାଣ କ୍ଷେତ୍ରରେ ଭାରତ ଏବେ ବିଶ୍ୱର ଏକ ଅଗ୍ରଣୀ ଦେଶ । ଦେଶରେ ୨୦୧୫ରେ ନ୍ୟାସନାଲ ସୁପର କମ୍ପ୍ୟୁଟିଂ ମିସନ ଆରମ୍ଭ ହୋଇଥିଲା। ଆମେ ଏଠାରେ ନ ଅଟକି, କ୍ୱାଣ୍ଟମ କମ୍ପ୍ୟୁଟି କ୍ଷେତ୍ରରେ ବି ଦେଶ କାମ କରୁଛି । ଏ କ୍ଷେତ୍ରରେ ନ୍ୟାସନାଲ କ୍ୱାଣ୍ଟମ କମ୍ପ୍ୟୁଟିଂ ମିସନ ସହାୟକ ହେବ।

ଟେକ୍ନୋଲୋଜି କ୍ଷେତ୍ରରେ ଦେଶର ବିକାଶ ଦେଶର ସାଧାରଣ ଲୋକଙ୍କ ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ସେ କହିଛନ୍ତି। ଏହି ସୁପର କମ୍ପ୍ୟୁଟର *(ପୃଷ୍ଠା ୭ରେ)*

ହାଇକୋର୍ଟଙ୍କ ନିର୍ଦ୍ଦେଶ: ରାସ୍ତା ଉପରେ ତୋରଣ ନିର୍ମାଣ କରାଯାଇ ପାରିବନି

କଟକ, ୨୬।୯

ନ୍ୟୁଜ୍ ବ୍ୟୁରୋ

ଶାରଦୀୟ ଦୁର୍ଗାପୂଜା ସମୟ ଯେତିକି ପାଖେଇ ଆସୁଛି, ପୂଜା ଆୟୋଜକ କମିଟି, ପ୍ରଶାସନ ଓ ସରକାରଙ୍କ ଚିନ୍ତା ସେତିକି ବଢୁଛି। ଶାନ୍ତି ଶୃଙ୍ଖଳାର ସହିତ ମା'ଙ୍କ ପୂଜା ଆୟୋଜନ ପାଇଁ ସବୁସ୍ତରରେ ଉଦ୍ୟମ ହେଉଛି । ଗୋଟିଏ ସପ୍ତାହ ପରେ ନବରାତ୍ରୀ ଆରମ୍ଭ ହୋଇଯିବ। ସେଥିପାଇଁ ସାଜସଜ୍ଜା କାମ ଜୋରସୋରରେ ଚାଲିଥିବା ବେଳେ ଓଡ଼ିଶା ହାଇକୋର୍ଟ ବଡ଼ ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ଗାପୂଜା ପାଇଁ ରାସ୍ତା ଉପରେ ତୋରଣ ନିର୍ମାଣ କରାଯାଇପାରବ ନାହିଁ । ଏନେଇ ଗୁରୁବାର ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଆସନ୍ତା ୫ ତାରିଖ ସୁଦ୍ଧା ସମସ୍ତ ରାସ୍ତା ମରାମତି କାମ ସରିବ। ପୂର୍ତ୍ତ ବିଭାଗ ସଚିବ ହାଇକୋର୍ଟଙ୍କୁ ଏନେଇ ଅବଗତ କରିଛନ୍ତି। ଆଭାଷୀ ଜରିଆରେ ପୂର୍ତ୍ତ ସଚିବ ହାଜର ହୋଇଥିଲେ। ତେବେ କଟକ ସହରର ଏକାଧିକ ସମସ୍ୟାକୁ ନେଇ ହାଇକୋର୍ଟ

ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାସ୍ତାର ଦୁରବସ୍ଥାକୁ ନେଇ କଟକ ମହାନଗର ନିଗମ (ସିଏମ୍‌ସି)କୁ ହାଇକୋର୍ଟ ଭର୍ତ୍ସନା କରିଛନ୍ତି ।

ଦୁର୍ଗାପୂଜା ପାଇଁ କମିଶନରେଟ ପୁଲିସ ପକ୍ଷରୁ କଟକଣା ଜାରି କରାଯାଇଛି । ପୁଲିସ କମିଶନର ସଂଜୀବ ପଣ୍ଡା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଏଥର ଦୁର୍ଗାପୂଜାରେ ଡିଜେକୁ ବାରଣ କରାଯାଇଛି। ଡିଜେ, ମଦ ଓ ପ୍ଲାଷ୍ଟିକ ମୁକ୍ତ ଦୁର୍ଗାପୂଜାକୁ ଗୁରୁତ୍ୱ ଦିଆଯାଇଛି । ତା' ସହିତ ପୂଜା କମିଟି ମଧ୍ୟ ବଟି ମାଗିଲେ ସଂପୃକ୍ତ ବ୍ୟକ୍ତି ବନ୍ଧା ହେବେ । ପୂଜା ମଣ୍ଡପରେ ମେଲୋଡି କାର୍ଯ୍ୟକ୍ରମ ରାତି ୧୨ଟା ଯାଏଁ ଚାଲିପାରିବ। କିନ୍ତୁ ରାବଣ ପୋଡିରେ ବାଣ ବ୍ୟବହାର ନକରିବାକୁ ନିବେଦନ କରାଯାଇଛି।

ମନଇଚ୍ଛା ରାଜ୍ୟରେ ପଶି ପାରିବନି ସିବିଆଇ: ସହମତି ପ୍ରତ୍ୟାହାର କଲେ ସରକାର

ନୂଆଦିଲ୍ଲୀ, ୨୬।୯

ଏଣିକି କର୍ଣ୍ଣାଟକରେ ମନଇଚ୍ଛା ପ୍ରବେଶ କରିପାରିବ ନାହିଁ ସିବିଆଇ। ରାଜ୍ୟରେ ସିବିଆଇର ଅନାୟସ ପ୍ରବେଶ ଓ ତଦନ୍ତ ଉପରେ କଟକଣା ଜାରି କରିଛନ୍ତି କର୍ଣ୍ଣାଟକ ସରକାର। ଏଣିକି କୌଣସି ସରକାରୀ କାମରେ ସିବିଆଇ ଅଧିକାରୀ ଯଦି କର୍ଣ୍ଣାଟକ ସୀମାରେ ପ୍ରବେଶ କରନ୍ତି, ତାହେଲେ ଏଥିପାଇଁ ରାଜ୍ୟ ସରକାରଙ୍କ ଅନୁମତି ନେବାକୁ ପଡ଼ିବ। ସିବିଆଇ ପ୍ରବେଶ ନେଇ ରହିଥିବା ସହମତି ପ୍ରଦାନ ବ୍ୟବସ୍ଥାକୁ ଗୁରୁବାର କର୍ଣ୍ଣାଟକ ସରକାର ପ୍ରତ୍ୟାହାର କରି ନେଇଥିବା ଆଇନ ମନ୍ତ୍ରୀ ଏଚକେ ପାଟିଲ ସୂଚନା ଦେଇଛନ୍ତି।

ଆଇନ ମନ୍ତ୍ରୀ ପାଟିଲଙ୍କ କହିବା କଥା ଯେ ସିବିଆଇ ପକ୍ଷପାତିତା କରୁଛି। ତେଣୁ ରାଜ୍ୟରେ ସିବିଆଇ ତଦନ୍ତ ପାଇଁ ଥିବା ଖୋଲା ସହମତିକୁ ସରକାର ପ୍ରତ୍ୟାହାର କରି ନେଇଛନ୍ତି। ସିବିଆଇର ଅପବ୍ୟବହାର କରାଯାଉଥିବା ନେଇ ଆମେ ଆମର ଚିନ୍ତା ବ୍ୟକ୍ତ କରୁଛୁ । ସେମାନେ ପକ୍ଷପାତିତା

କରୁଛନ୍ତି। ଏଥିପାଇଁ ସହମତି ପ୍ରତ୍ୟାହାର କରାଯାଇଛି। ଏହା ମୁଦା ପ୍ରସଙ୍ଗ ପାଇଁ ନୁହେଁ, ଆମେ ସିବିଆଇକୁ ଅନେକ ମାମଲା ପଠାଇଛୁ। କିନ୍ତୁ ସେମାନେ ଚାର୍ଜସିଟ୍ ଫାଇଲ କରୁ ନାହାନ୍ତି। କେବଳ ମାମଲାକୁ ପକାଇ ରଖିଛନ୍ତି । ଆମେ ପଠାଇଥିବା ମାମଲା ଗୁଡ଼ିକର ତଦନ୍ତ କରିବାକୁ ମଧ୍ୟ ସେମାନେ ମନା କରୁଛନ୍ତି। ଏପରି ଅନେକ ଘଟଣା ରହିଛି ବୋଲି ସେ କହିଛନ୍ତି।

ବିରୋଧୀ ଦଳର ନେତାଙ୍କୁ ଟାର୍ଗେଟ କରିବା ପାଇଁ କେନ୍ଦ୍ରର କ୍ଷମତାସୀନ ବିଜେପି ସରକାର ସିବିଆଇକୁ ବ୍ୟବହାର କରୁଥିବା ଅଭିଯୋଗ ହୋଇ ଆସୁଛି। ନିକଟରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟା ମଧ୍ୟ ମୁଦା ଦୁର୍ନୀତିରେ ଫସିଛନ୍ତି।

ଏହାର ଲୋକାୟୁକ୍ତ ତଦନ୍ତ ଆରମ୍ଭ ହୋଇଥିବା ବେଳେ ସିବିଆଇ ଏଥିରେ ପଶିବାର ଆଶଙ୍କା ରହିଛି। ସମ୍ଭବତଃ ଏହି କାରଣ ପାଇଁ କର୍ଣ୍ଣାଟକ ସରକାର ସିବିଆଇ ଉପରେ କଟକଣା ଲଗାଇ ଥିବା କୁହାଯାଉଛି।

କର୍ଣ୍ଣାଟକ ପ୍ରଥମ ରାଜ୍ୟ ଭାବେ ସିବିଆଇ ଉପରେ କଟକଣା ଲଗାଇ ନାହିଁ । ଏହାପୂର୍ବରୁ ଅନେକ ଅଣ ବିଜେପି ରାଜ୍ୟ ଗୁଡ଼ିକ ମଧ୍ୟ ସିବିଆଇ ବିରୋଧରେ ପକ୍ଷପାତିତାର ଅଭିଯୋଗ ଆଣି ସହମତି ପ୍ରସ୍ତାବକୁ ପ୍ରତ୍ୟାହାର କରିଥିଲେ। ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ ଓ ପଞ୍ଜାବର ସରକାର ୨୦୨୦ ନଭେମ୍ବର ମାସରୁ ସିବିଆଇ ଉପରେ କଟକଣା ଲଗାଇଛନ୍ତି। ନିକଟରେ ଆନ୍ଧ୍ର ପ୍ରଦେଶ ସରକାର ମଧ୍ୟ ସିବିଆଇର ମନଇଚ୍ଛା ପ୍ରବେଶ ଉପରେ ରୋକ ଲଗାଇଥିଲେ। ସେତେବେଳେ ଆନ୍ଧ୍ରରେ ଜଗନ ମୋହନ ସରକାର ଚାଲିଥିଲା।

ଉତ୍ତର ଓଡ଼ିଶାରେ ପ୍ରବଳ ଛେଚିବ

ଭୁବନେଶ୍ୱର, ୨୬।୯

ନ୍ୟୁଜ୍ ବ୍ୟୁରୋ

ଲଘୁଚାପ ପ୍ରଭାବରେ ରାଜ୍ୟରେ ଜାରି ରହିଛି ବର୍ଷା । ଗୁରୁବାର ବି ପ୍ରବଳ ବର୍ଷିଛି। ବିଶେଷ କରି ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ହେବା ନେଇ ୱାର୍ଣ୍ଣିଂ ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର।

ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏଥିପାଇଁ ଏହି ଜିଲ୍ଲା ଗୁଡ଼ିକୁ ଯେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ମଧ୍ୟମଧରଣର ବର୍ଷା ନେଇ ୪ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ସେହି ଜିଲ୍ଲାଗୁଡ଼ିକ ହେଲା ପୁରୀ, ଜଗତସିଂହପୁର, ଖୋର୍ଦ୍ଧା ଓ କଟକ। ସେହିପରି କଟକ ଓ ଭୁବନେଶ୍ୱର ସମେତ କିଛି ଜିଲ୍ଲାରେ ବର୍ଷା ଲାଗି ରହିଛି। ଶୁକ୍ରବାର ପାଗରେ ପରିବର୍ତ୍ତନ ଆସିବାର ସମ୍ଭାବନା ଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।

ଏକାଳ ପଖାଳ

ରାସ୍ତା ଉପରେ ତୋରଣ ହେବନି
ଶୁଣି ଜନମନ ଦୁଃଖ
ହେଲେ ରାସ୍ତାକାମ ଶେଷ ହୋଇଗଲେ
ମିଳିବ ସୁବିଧା ସୁଖ
କଥାଟା ମନରେ ରଖ
ମା'ଙ୍କ ନିର୍ଦ୍ଦେଶରେ ସବୁ ନାଟ ହୁଏ
ଆଗକୁ କିହେବ ଦେଖ !

ଅନ୍‌ଲାଇନ ଗେମିଂ ଆପ୍ ପଛରେ ଚୀନ ନାଗରିକ, ଭାରତରୁ ଠକି ନେଲେଣି ୪୦୦ କୋଟି

ନୂଆଦିଲ୍ଲୀ, ୨୬।୯

ଏକ ଅନ୍‌ଲାଇନ ଗେମିଂ ଆପ୍ ଉପରେ ଚଢଉ କରି ୪୦୦ କୋଟି ଟଙ୍କା ଠକେଇର ପର୍ଦ୍ଦାଫାସ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ଏହି ଗେମିଂ ଆପ୍‌ରେ ଚୀନ ନାଗରିକଙ୍କ ସମ୍ପୃକ୍ତି ଥିବା ମଧ୍ୟ ଜଣାପଡିଛି।

ରିପୋର୍ଟ ଅନୁସାରେ, ଇଡି ଅନଲାଇନ ଗେମିଂ ଆପ ଫିନ ଉପରେ ଚଢଉ କରିଥିଲା। ଏହି ଆପ ସହ ଜଡ଼ିତ ଥିବା କେତେକ ଚୀନ ନାଗରିକଙ୍କ ଆକାଉଣ୍ଟ ସହ ସେମାନଙ୍କ ଆକାଉଣ୍ଟରେ ଥିବା ପ୍ରାୟ ୨୫ କୋଟି ଟଙ୍କା ଅଚଳ କରାଯାଇଛି ।

ପୂର୍ବରୁ ଏହି ଠକେଇରେ ଚୀନ ନାଗରିକଙ୍କୁ ସାହାଯ୍ୟ କରୁଥିବା ଅଭିଯୋଗରେ କୋଲକାତାର ଚାରି ଜଣ ନାଗରିକଙ୍କୁ ଗିରଫ କରିଥିଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ। ଅନଲାଇନ ଆପ ଠକାମି ନେଇ ଥାନାକୁ ଏକାଧିକ ମାମଲା ଆସିବା ପରେ ପୁଲିସ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଇଡିକୁ ମାମଲା ହସ୍ତାନ୍ତର କରିଥିଲା। ଏହାପରେ ପୁଲିସ କୋଲକାତାର ଚାରି ଜଣଙ୍କୁ ଗିରଫ କରି ଖୋଳତାଡ଼ ଆରମ୍ଭ କରିଥିଲା। ବିଶ୍ୱର ସର୍ବବୃହତ୍ତ କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜ (ଅଦଳବଦଳ) କରୁଥିବା

30 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୨୭ ସେପ୍ଟେମ୍ବର, ଶୁକ୍ରବାର, ୨୦୨୪

ବୀରମହାରାଜପୁର ବ୍ଲକ୍‌ସ୍ତରୀୟ ଅଭିଯୋଗ ଶୁଣାଣି

୨୧ ଲକ୍ଷ ୪୫ ହଜାର ୪୦୦ ଟଙ୍କାର ସହାୟତା ପ୍ରଦାନ

ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍‌ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ୍ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ଯସ ପ୍ରତାପ ଶ୍ରୀମଲ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣ ଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୪୫ଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୩୬ ଗୋଟି ଗ୍ରହଣ କରାଯାଇଥିବା ବେଳେ ୯ଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି। ଦରଖାସ୍ତଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲ୍ଲା ଶ୍ରମ ବିଭାଗ ତରଫରୁ ଟଙ୍କଧର ପଧାନଙ୍କୁ ଶିଶୁଙ୍କ

ଶିକ୍ଷା ସହାୟତା ନିମନ୍ତେ ଟ.୬୦୦୦ ହଜାର,ବିଷ୍ଣୁ ପ୍ରସାଦ ରଣାଙ୍କୁ ବିବାହ ପ୍ରୋତ୍ସାହନ ସହାୟତା ନିମନ୍ତେ ୫୦,୦୦୦ ହଜାର, ଓ ରବି ଭୋଇଙ୍କୁ ଅନ୍ତିମ ସଂସ୍କାର ସହାୟତା ଓ ମୃତ୍ୟୁ କାଳୀନ ସହାୟତା ନିମନ୍ତେ ୫୦୦୦ ହଜାର ଓ ୨ଲକ୍ଷ ଟଙ୍କାର ଶ୍ରମିକ କଲ୍ୟାଣ ଆର୍ଥିକ ସହାୟତାର ଡେମୋ ଚେକ ପ୍ରଦାନ କରିଛନ୍ତି। ଜିଲ୍ଲାପାଳ ଶ୍ରୀମତୀ ଦାସ ଏଥି ସହ ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ହିତାଧିକାରୀଙ୍କୁ ଜିଲ୍ଲା ଶ୍ରମ ବିଭାଗ ତରଫରୁ ୧୧ ଜଣଙ୍କୁ ଝିଅ ବିବାହ ନିମନ୍ତେ ପ୍ରୋତ୍ସାହନ ସହାୟତା, ଜଣକୁ ମେଟରନିଟି ସହାୟତା, ୧୨୩ ଜଣଙ୍କୁ ଶିକ୍ଷା ନିମନ୍ତେ ସହାୟତା, ୪ଜଣଙ୍କୁ ମୃତ୍ୟୁ କାଳୀନ ସହାୟତା ଓ ୫ ଜଣଙ୍କୁ ଅନ୍ତିମ ସଂସ୍କାର ସହାୟତା ନିମନ୍ତେ ଅର୍ଥ ରାଶି ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବିଭାଗ ତରଫରୁ ସମୁଦାୟ ବିଭିନ୍ନ ୧୪୪ ଜଣଙ୍କୁ ମୋଟ ଟ.୨୧ ଲକ୍ଷ ୪୫ ହଜାର ୪୦୦ ଶହ ଟଙ୍କାର ସହାୟତା ଅର୍ଥ ରାଶି ସେମାନଙ୍କ ସଂଚୟ ଖାତା କୁ ଅନଲାଇନ ଯୋଗେ ପ୍ରଦାନ କରାଯାଇଛି।

ପଦ୍ମପୁରକୁ ନୂତନ ବ୍ଲକ୍ ଗଠନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

କେନ୍ଦୁଝର, ନ୍ୟୁଜ୍

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁରକୁ ଏକ ନୂତନ ବ୍ଲକ ଗଠନ ମାନ୍ୟତା ଦାବିରେ ଶକ୍ତି ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ସମ୍ପର୍କରେ ଦାବି ଉପସ୍ଥାପନ କରାଯାଇ ଆସୁଥିଲେ ହେଁ ପୂର୍ବତନ ସରକାର ଏହାକୁ ଗୁରୁତ୍ୱ ନ ଦେଇ ଦୀର୍ଘ ୨୪ ବର୍ଷ କାଳ ଜନସାଧାରଣଙ୍କୁ ଅଣଦେଖା କରିଥିବା ଅଭିଯୋଗ ହୋଇଛି। ଏହି ଅଞ୍ଚଳର ଜନସାଧାରଣଙ୍କ ସୁବିଧା ପାଇଁ ପଦ୍ମପୁରକୁ ଏକ ନୂତନ ବ୍ଲକ୍ ସ୍ଥାପନ ପାଇଁ ଜନସାଧାରଣ ଦାବି କରିଆସୁଛନ୍ତି। ପଦ୍ମପୁର ପଞ୍ଚାୟତ ଓ ଆଖପାଖ ପଞ୍ଚାୟତଗୁଡ଼ିକ ସାଧାରଣତଃ ଜନଜାତି ଆଦିବାସୀ ବହୁଳ। ପ୍ରକାଶ ଯେ, କେନ୍ଦୁଝର ସଦର ବ୍ଲକ କାର୍ଯ୍ୟାଳୟଟି ସହରର ଉପକଣ୍ଠରେ ତଥା ଏହି ଅଞ୍ଚଳରୁ ଦୂରରେ ରହିଛି। ଏଣୁ ସବୁ କାର୍ଯ୍ୟାଳୟ ଗୁଡ଼ିକରେ ବହୁ ସମୟରେ ଭିଡ଼ ଲାଗି ରହୁଥିବାରୁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟରେ ନୂତନ ସରକାର ଗଠନ ହେବା ପରେ ଏ ଅଞ୍ଚଳବାସୀ ପଦ୍ମପୁରକୁ ଏକ ନୂତନ ବ୍ଲକ୍ ସ୍ଥାପନ ନିମନ୍ତେ ଆଶା ବାନ୍ଧିଛନ୍ତି। ସମାଜସେବୀ ତଥା ଶକ୍ତି ସଂଗଠନର ମୁଖ୍ୟ ସରୋଜ କୁମାର ସାହୁ, ରଞ୍ଜନ କୁମାର ବେହେରା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏହି ଦାବିପତ୍ର ପ୍ରଦାନ କରିଥିଲେ।

୭୩ ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ ଓ ଏସ୍‌ପି

ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ

ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନଶୁଣାଣି ଶିବିର ଭଦ୍ରକ ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଏବଂ ଭଦ୍ରକ ଏସ୍‌ପି ବରୁଣ ଗୁଣ୍ଡୁପାଲି ଏହି ଶିବିରରେ ଯୋଗଦେଇ ସମୁଦାୟ ୭୩ଟି ଅଭିଯୋଗ ଶୁଣିଥିଲେ। ସେଗୁଡ଼ିକ ମଧ୍ୟରେ ୬୧ ଟି ବ୍ୟକ୍ତିଗତ ଓ ୧୨ଟି ସାମୂହିକ ସମସ୍ୟା ସମ୍ବଳିତ ଅଭିଯୋଗ ଥିଲା। ୨ଟି ଅଭିଯୋଗ ତତ୍କାଳ ସମାଧାନ କରାଯାଇଥିଲା ଏବଂ ରେଡ୍‌କ୍ରସ ବାବଦରେ ୫ ଜଣ ଆବେଦନକାରୀ ଙ୍କୁ ଆର୍ଥିକ ସହାୟତା ପ୍ରଦାନ ବାବଦକୁ ସମୁଦାୟ ୨୭ ହଜାର ଟଙ୍କା ମଞ୍ଜୁର କରାଯାଇଥିଲା। ଜିଲ୍ଲା ରେଡ୍‌କ୍ରସ୍ ପାଣ୍ଠିରୁ ଚିକିତ୍ସା ପାଇଁ ଆର୍ଥିକ ସହାୟତା ବାବଦକୁ ପଲ୍ଲି, କାଦବରାଙ୍ଗ, ଭଦ୍ରକବ୍ଲକ୍‌ର ସୌମ୍ୟ ରଞ୍ଜନ ସାହୁଙ୍କୁ ଦଶ ହଜାର ଟଙ୍କା, ନରିପୁର, ବନ୍ତର ଜୟକୃଷ୍ଣ ସାହୁଙ୍କୁ

ଦୁଇ ହଜାର ଟଙ୍କା, ଚୁନିଦା, ଭଦ୍ରକ ବ୍ଲକ୍‌ର ନଟବର ଜେନାଙ୍କୁ ୫ ହଜାର ଟଙ୍କା, ରଘୁନାଥପୁର, ଦେବେନ୍ଦ୍ର ମହାନ୍ତିଙ୍କୁ ୭ ହଜାର ଟଙ୍କା ପ୍ରଦାନ ନିମନ୍ତେ ଜିଲ୍ଲାପାଳ ମଞ୍ଜୁର କରିଥିଲେ। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ ପାତ୍ର, ବ୍ଲକ୍ ଅଧିକ୍ଷା ଉର୍ମିଳା ନାୟକ, ଭାରପ୍ରାପ୍ତ ସି.ଡ଼ି.ଏମ୍.ଓ. ଡା. ସୁଧୀର ରଞ୍ଜନ ନାୟକ ପ୍ରମୁଖ ଏହି ଶିବିରରେ ଯୋଗଦେଇ ଅଭିଯୋଗ ଶୁଣିବା କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ। ଜିଲ୍ଲା ସ୍ତରୀୟ ଓ ଉକ୍ତ ବ୍ଲକ୍ ସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀମାନେ ଏହି ଶିବିରରେ ଉପସ୍ଥିତ ରହି ଜନାଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କ ଆବଶ୍ୟକ ମତେ ତଥ୍ୟ ଉପସ୍ଥାପନ କରିଥିଲେ। ବାର୍ଦ୍ଧକ୍ୟ ଭତ୍ତା, ଦିବ୍ୟାଙ୍ଗ ଭତ୍ତା, ଜମି ଚିହ୍ନଟ, ଜମି ଜବର ଦଖଲ, ଜମି ଉଚ୍ଛେଦ, ବେନିୟମ ବାଲି ଚାଲାଣ, ପରିବାର ମଙ୍ଗଳ ଯୋଜନା ଆଦି ଭଳି ବିଭିନ୍ନ ବିଭାଗ ସମ୍ବନ୍ଧୀୟ ଆଗତ ଅଭିଯୋଗ ସବୁର ନିୟମାନୁଯାୟୀ ଧାର୍ଯ୍ୟ ସମୟ ମଧ୍ୟରେ ସମାଧାନ ପାଇଁ ଜିଲ୍ଲାପାଳ ଉପସ୍ଥିତ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ।

ଅଧ୍ୟାପକ ନିଯୁକ୍ତି ଏବଂ ଭିତ୍ତିଭୂମି ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

କେନ୍ଦୁଝର, ନ୍ୟୁଜ୍

କେନ୍ଦୁଝର ଜିଲ୍ଲାରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଅଧିନସ୍ଥ ନରଣପୁର ଉଚ୍ଚ ବିଦ୍ୟାଳୟ ଓ ଅସନପାଟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ବିଭାଗର ଚିଠି ସଂଖ୍ୟା ୬୭୯୯ ତା ୧୬/୩/୨୦୨୪ ଅନୁସାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଉନ୍ନୀତ କରାଯାଇଛି। ଏଠାରେ ଗୋଟିଏ ଅଧ୍ୟକ୍ଷ ପଦବୀ, ୭ଟି ସ୍ନାତକୋତ୍ତର ଶିକ୍ଷକ, ୪ଟି ଲାବୋରଟୋରୀ ସହାୟକ ଏବଂ ଗୋଟିଏ କନିଷ୍ଠ କିରାଣୀ ପଦବୀ ସରକାରଙ୍କ ଚିଠି ସଂଖ୍ୟା ୬୮୦୪ ତା ୧୬/୩/୨୦୨୪ ଅନୁସାରେ ଅନୁମୋଦନ କରାଯାଇଛି। ଏଠାରେ ଚଳିତବର୍ଷ ବିଜ୍ଞାନ ଶ୍ରେଣୀରେ ନାମ ଲେଖାଇବା ପାଇଁ ସରକାରୀ ନିର୍ଦ୍ଦେଶ ଆସିଛି। ବର୍ତ୍ତମାନ ଏଠାରେ ପୂର୍ବରୁ ଥିବା ଉଚ୍ଚ ବିଦ୍ୟାଳୟରେ ପାଠ ପଢା କାର୍ଯ୍ୟ ଚାଲିବ। ଖୁବ୍‌ଶୀଘ୍ର ଏଠାରେ ସମସ୍ତ ପଦବୀ ପୂରଣ କରିବା ସହ ଏକାଡେମିକ୍ କୋଠା, ଛାତ୍ରୀ ନିବାସ ଏବଂ ଷ୍ଟାଫ କ୍ୱାର୍ଟର କାର୍ଯ୍ୟ ଆରମ୍ଭ କରିବା ପାଇଁ କେନ୍ଦୁଝରର ଯୁବ ଓ ଶ୍ରମ ବିକାଶ ମଞ୍ଚ ତରଫରୁ ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ ଅବସରରେ ଏହି ସମସ୍ୟା ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ମଞ୍ଚର କର୍ମକର୍ତ୍ତା ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ଏହାର ସମାଧାନ ନେଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଦାବିପତ୍ର ପ୍ରଦାନ ସମୟରେ ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାୟକ ଉପସ୍ଥିତ ଥିଲେ।

ଅଜୟ ବେଜ ହେଲେ ଧାମନଗର କଲେଜର ନୂତନ ଭାରପ୍ରାପ୍ତ ଅଧ୍ୟକ୍ଷ

ଧାମନଗର, ନ୍ୟୁଜ୍‌ବ୍ୟୁରୋ

ଧାମନଗର କଲେଜରେ ଦୀର୍ଘ ଦିନ ଧରି ଅଧ୍ୟକ୍ଷ ଓ କର୍ମଚାରୀଙ୍କ ମଧ୍ୟରେ ବିବାଦ ଯୋଗୁଁ ଉନ୍ନୟନ ମୂଳକ କାର୍ଯ୍ୟ ଏବଂ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଥିଲା। ଏଠାରେ ଥିବା ଉର୍ଦ୍ଦୁ ବିଭାଗର ଅଧ୍ୟାପକ ମହମ୍ମଦ ଇସ୍ରାଇଲ ଭାରପ୍ରାପ୍ତ ଅଧ୍ୟକ୍ଷ ଥିଲେ। ତାଙ୍କୁ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ବିଏନଏସ୍ କଲେଜକୁ ବଦଳି କରିବା ପରେ ଏବେ କଲେଜର ରାଜନୀତି ବିଜ୍ଞାନ ବିଭାଗର ବରିଷ୍ଠ ଅଧ୍ୟାପକ ଅଜୟ କୁମାର ବେଜଙ୍କୁ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଦିଆଯାଇଛି। ଯେ ପର୍ଯ୍ୟନ୍ତ ସରକାର ନୂତନ ଅଧ୍ୟକ୍ଷ ନିଯୁକ୍ତି କରିନାହାନ୍ତି ସେ ପର୍ଯ୍ୟନ୍ତ ଶ୍ରୀ ବେଜ ଏହି ଦାୟିତ୍ୱରେ ରହିବେ ବୋଲି ସୂଚନା ଦିଆଯାଇଛି।

ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀଙ୍କ ଦ୍ୱାରା ଓମଫେଡ୍‌ର ଡାଏରୀ ପ୍ଲାଣ୍ଟ ଉଦ୍‌ଘାଟିତ

ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ

ସୋନପୁର ସଦର ବ୍ଲକ କଳାପଥର ଠାରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ୧୪ କୋଟି ୬୩ ଲକ୍ଷ ୧୮ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଓମଫେଡ ଡାଏରୀ ପ୍ଲାଣ୍ଟ ରବିବାର ଦିନ ଉଦ୍‌ଘାଟିତ ହୋଇଯାଇଛି। ଏଠାରେ ଦୈନିକ ୫୦ ହଜାର ଲିଟର ଦୁଗ୍ଧ ପ୍ରକ୍ରିୟା କରଣ ହେବାକୁ ଥିବାବେଳେ ଉପକୃତ ହେବେ ହଜାର ହଜାର ଦୁଗ୍ଧ ଚାଷୀ ଏହି କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ

ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ, ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା, ବୌଦ୍ଧ ବିଧାୟକ ତଥା ଶାସକ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ଓମଫେଡ୍ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ, ଓମଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଳାଙ୍ଗେ, ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଡାଏରୀ ପ୍ଲାଣ୍ଟ ହେବା ଫଳରେ ପାଖ ପଡ଼ୋଶୀ ଜିଲ୍ଲାର ହଜାର ହଜାର ଦୁଗ୍ଧ ଚାଷୀ ଉପକୃତ ହେବେ ବୋଲି ସୂଚନା ଦିଆଯାଇଛି। ଏଠାରେ ଦୁଗ୍ଧ ଦ୍ରବ୍ୟ ହିସାବ ରେ ପାଶ୍ଚାରାଇଜ ପକେଟ ଦୁଗ୍ଧ, ସାଧା ଦହି, ମିଠା ଦହି, ପନୀର, ଘିଅ, ଲସି, ଖୁଆ, ପେଡ଼ା ଆଦି ପ୍ରସ୍ତୁତ କରାଯାଇ ପାରିବ ବୋଲି ଓମଫେଡ୍ ପକ୍ଷରୁ କୁହାଯାଇଛି। ଏହି ପ୍ଲାଣ୍ଟ ଦ୍ୱାରା ସୋନପୁର, ବଲାଙ୍ଗୀର, ବୌଦ୍ଧ ତଥା ଫୁଲବାଣୀ ଜିଲ୍ଲାର ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ ଓମଫେଡ୍ ଦୁଗ୍ଧଜାତ ଦ୍ରବ୍ୟର ମାର୍କେଟିଂ ନେଟୱାର୍କ ମଜବୁତ ହେବ। ସେହିପରି ଦୁଗ୍ଧ ଚାଷୀମାନେ ବର୍ଷ ସାରା ସେମାନଙ୍କ ବଳକା ଦୁଗ୍ଧ ସମବାୟ ସମିତି ମାଧ୍ୟମରେ ବିକ୍ରୟ କରି ବେଶ୍ ଉପକୃତ ହେବେ ବୋଲି ସୂଚନା ଦିଆଯାଇଛି।

ପ୍ରଗତିର ନୂତନ ସୂର୍ଯ୍ୟୋଦୟ ଓ ବିଜେପିର ସଦସ୍ୟତା ଅଭିଯାନ

ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ

ବିଜେପି ନେତୃତ୍ୱରେ ଗଠିତ ରାଜ୍ୟରେ ନୂତନ ସରକାରଙ୍କ ୧୦୦ ଦିନ ପୂର୍ତ୍ତି ହୋଇଛି। ଏହି ୧୦୦ ଦିନର ଉପଲବ୍ଧିକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀର ବାଟାଗୁଡ଼ା ମଣ୍ଡଳୀର ପଞ୍ଚାୟତ ସଭାଗୃହ ଠାରେ ସଦସ୍ୟତା ପ୍ରଭାରୀ ସୁରେନ୍ଦ୍ର ପାତ୍ରଙ୍କ ଅବାହକତ୍ୱରେ ପ୍ରଗତିର ନୂତନ ସୂର୍ଯ୍ୟୋଦୟ କାର୍ଯ୍ୟକ୍ରମ ଓ ସଦସ୍ୟତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ଅନୁସୂଚିତ ଜନଜାତି ରାଜ୍ୟ ଆବାହକ ନରେନ୍ଦ୍ର ମାଝି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱରେ ଗଢ଼ା ହୋଇଥିବା ରାଜ୍ୟ ସରକାରଙ୍କ ଶହେ ଦିନର ହିସାବ ରଖିଥିଲେ। ନିର୍ବାଚନ ଇସ୍ତାହାରରେ ଦିଆଯାଇଥିବା ପ୍ରତିଶ୍ରୁତି ମୁତାବକ ଶ୍ରୀମନ୍ଦିରର ଚାରିଦ୍ୱାର

ଖୋଲିବା, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧ଶହ ଟଙ୍କାକୁ ବୃଦ୍ଧି କରାଯିବା, ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିବା, ୮ ବର୍ଷରୁ ଅଧିକ ବୟସର ନାଗରିକ ଏବଂ ଦିବ୍ୟାଙ୍ଗଙ୍କ ଭତ୍ତା ରାଶି ୩ ହଜାର ଟଙ୍କାକୁ ବୃଦ୍ଧି କରିବା ଆଦି ସମ୍ପର୍କରେ ଗାଁ ଗାଁ ଘରେ ଘରେ ପହଞ୍ଚାଇବା ପାଇଁ କର୍ମୀ ମାନଙ୍କୁ କହିଥିଲେ। ଏଥିସହ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେବର୍ଷ ପୂର୍ତ୍ତି ଅବସରରେ ୨୦୩୬ ମସିହା ସୁଦ୍ଧା ଓଡ଼ିଶାକୁ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସରକାରଙ୍କ ପକ୍ଷରୁ ନିଆଯାଉ ଥିବା ପଦକ୍ଷେପ ସମ୍ପର୍କରେ କହିଥିଲେ। ସରକାର ମହିଳାମାନଙ୍କ ଉନ୍ନତି ପାଇଁ ସର୍ବଦା ଚେଷ୍ଟିତ। ନାରୀ ଆଗେଇଲେ ଦେଶ ଆଗେଇବ ବୋଲି ଶ୍ରୀ ମାଝି କହିଥିଲେ। ସମ୍ମାନିତ ଅତିଥି ଭାବେ ବାଲିଗୁଡ଼ା ସରପଞ୍ଚ ପ୍ରତାପ ମଲ୍ଲିକ ଯୋଗ ଦେଇ ସରକାରଙ୍କୁ ସମାଲୋଚନା କରିବା ଠିକ୍ ନୁହଁ କାରଣ କିଛି ମାସ ହୋଇଛି। ଆମେ ଆଉ କିଛି ଦିନ ଅପେକ୍ଷା କରିବା ଆବଶ୍ୟକ। ମଣ୍ଡଳ ସଭାପତି ପିଣ୍ଟୁ ମଲ୍ଲିକ ସଭାର ସଭାପତିତ୍ୱ କରିଥିବା ବେଳେ ଆବାହକ ସୁରେନ୍ଦ୍ର ପାତ୍ର କହିଛନ୍ତି ବିଶ୍ୱର ବୃହତ୍ତମ ଦଳରେ ସମସ୍ତେ ସାମିଲ ହୋଇ ସଦସ୍ୟତା ହେବା ପାଇଁ କହିଥିଲେ। ନକୁଳ ମଲ୍ଲିକ ସମସ୍ତ ଅତିଥିଙ୍କ ପରିଚୟ ସ୍ୱାଗତ କରିବା ସହ ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମିଣ୍ଟୁ ମଲ୍ଲିକ, ଭରତ ମଲ୍ଲିକ, ନକୁଳ ମଲ୍ଲିକ, ମନୋଜ ମଲ୍ଲିକ, ରବୀନ୍ଦ୍ର ପଣ୍ଡା, ସରୋଜ ମଲ୍ଲିକ ସସ୍ମିତା ନାୟକ, ସୁଶାନ୍ତ ମଲ୍ଲିକ, ପ୍ରମୋଦ ମଲ୍ଲିକ, ଧୀରେନ ଦିଗାଳ, ପ୍ରହଲ୍ଲାଦ ପ୍ରଧାନୀ, ରଞ୍ଜିତ ଚୌଧୁରୀ, କ୍ଷମା ସାଗର ପ୍ରଧାନ, ଅଭୟ ପାତ୍ର, ବିରେନ୍ଦ୍ର ସାହୁ, ସୁଶାନ୍ତ ସାହୁ, ପୁରୁଷୋତ୍ତମ ଡାକୁଆ ସମେତ ଶତାଧିକ ମହିଳା ଓ ପୁରୁଷ ଯୋଗ ଦେଇଥିଲେ।

ମଣିପାଲ୍ ହସ୍ପିଟାଲ ଭୁବନେଶ୍ୱରର ହୃଦୟ ଆରୋଗ୍ୟ ରଥ

ଲୋକଙ୍କୁ ହୃଦ୍‌ରୋଗ ସମ୍ପର୍କରେ କରିବ ସଚେତନ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ଓଡ଼ିଶାର ଲୋକପ୍ରିୟ ହସ୍ପିଟାଲ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଆରମ୍ଭ ହୋଇଛି 'ହୃଦୟ ଆରୋଗ୍ୟ ରଥ' ଅଭିଯାନ। ଏହି ରଥ ସାଧାରଣ ଲୋକଙ୍କୁ ବିଭିନ୍ନ ପ୍ରକାର ହୃଦ୍‌ରୋଗର କାରଣ, ଲକ୍ଷଣ ଏବଂ ପ୍ରତିକାର ସମ୍ପର୍କରେ କରିବ ସଚେତନ। ସେପ୍ଟେମ୍ବର ୨୩ରୁ ୨୯ତାରିଖ ଯାଏଁ ଚାଲିବାକୁ ଥିବା ଏହି ଅଭିଯାନକୁ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଫ୍ଲାଗ ଅଫ୍ କରି ଉଦ୍‌ଘାଟନ କରିଥିଲେ। ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ଏହି ପଦକ୍ଷେପକୁ ମେୟର ସୁଲୋଚନା ଦାସ ପ୍ରଶଂସା କରିବା ସହିତ ହସ୍ପିଟାଲର ବିଭିନ୍ନ ଜନସଚେତନତା ମୂଳକ ଓ ଜନମଙ୍ଗଳକାରୀ କାର୍ଯ୍ୟକ୍ରମ ପାଇଁ ଶୁଭେଚ୍ଛା ଦେଇଥିଲେ। ପ୍ରଥମ ଥର ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଏକ ସଚେତନ ରଥ ଭୁବନେଶ୍ୱର ସମେତ ଖୋର୍ଦ୍ଧା, କଟକ ଓ ପୁରୀର ବିଭିନ୍ନ ଜନଗହିଳପୂର୍ଣ୍ଣ ସ୍ଥାନଗୁଡ଼ିକରେ ପରିକ୍ରମା କରି ଲୋକଙ୍କୁ କରିବ ସ୍ୱାସ୍ଥ୍ୟ ସଚେତନ। ଏହା ସହିତ ଲୋକଙ୍କୁ ଉତ୍ସାହିତ କରିବା ପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଇ ବିଜେତାଙ୍କୁ ଆକର୍ଷଣୀୟ ପୁରସ୍କାର ଦେବା ଭଳି ବ୍ୟବସ୍ଥା ରହିଛି। ଏହି ଅଭିଯାନ ସମ୍ପର୍କରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ର କହିଛନ୍ତି, 'ବି

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୭ ସେପ୍ଟେମ୍ବର ୨୦୨୪ ଶୁକ୍ରବାର

ମ୍ୟାଲେରିଆ ନେଲା ୨ ଜୀବନ:ଅନେକ ଆକ୍ରାନ୍ତ

ରାଇଘର, ନ୍ୟୁଜ୍ ବ୍ୟୁରୋ

ନବରଙ୍ଗପୁରର ଦୁଇଟି ଗାଁରେ ବ୍ୟାପୁଛି ମ୍ୟାଲେରିଆ । ଏଥିରେ ୨ ଜଣଙ୍କ ମୃତ୍ୟୁ ଅଭିଯୋଗ । ଜ୍ୱରରେ କମ୍ପୁଛି ଗାଁ । ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଯୋଡ଼େଙ୍ଗା ପଞ୍ଚାୟତ ନୁଆଗାଁ ସାନପାରା ଗାଁର ରାଇସିଂ ଗଣ୍ଡ ଓ ବଡ଼ପାରା ଗାଁରେ ବ୍ୟାପିଛି ମ୍ୟାଲେରିଆ । ଏହି ଜ୍ୱରରେ ଦୁଇଜଣ ପ୍ରାଣ ହରାଇଛନ୍ତି । ଏହି ଦୁଇ ଗାଁର ୧୬ ଜଣଙ୍କୁ ଜ୍ୱର ହେଉଥିବା ଯୋଗୁଁ ଘରେ ରହି ଚିକିତ୍ସିତ ହେଉଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ମ୍ୟାଲେରିଆ ଯୋଗୁଁ ଜଣକର ମୃତ୍ୟୁ ହୋଇଥିବା ସ୍ପଷ୍ଟ କରିଥିବା ବେଳେ ଅନ୍ୟ ଜଣଙ୍କ ମୃତ୍ୟୁର କାରଣ ଜଣାପଡିନଥିବା ପ୍ରକାଶ କରିଛନ୍ତି । ହାଟଭରଣ୍ଡୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଟିମ୍ ଓ ଜିଲ୍ଲା ମ୍ୟାଲେରିଆ ଟିମ୍ ଗାଁରେ ରହି ଚିକିତ୍ସା କରୁଛନ୍ତି । ସୂଚନାଥାଉ କି କିଛିଦିନ ତଳେ ଏହି ଦୁଇ ଗାଁର ୨୩ ଜଣ ଯୁବକ ରାୟଗଡା ଜିଲ୍ଲା ପାଞ୍ଚବାଇକୁ ନୀଳଗିରି ଗଛ କାଟିବାକୁ ଯାଇ ସେହିଠାରୁ ଅସୁସ୍ଥ ହୋଇ ଦଶ ଦିନ ପୂର୍ବେ ଗ୍ରାମକୁ ଫେରି ଆସି ଚିକତ୍ସା ଆରମ୍ଭ କରିଥିଲେ । ଏହାପରେ ଗାଁରେ ଭୟର ବାତାବରଣ ସୃଷ୍ଟି ହୋଇଛି । ୨୫୦ ଜଣଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଛି । ବର୍ତ୍ତମାନ ଯାଏ ରାୟଗଡାରୁ ଫେରିଥିବା ତେଇଶି ଜଣଙ୍କ ମଧ୍ୟରୁ ଏଗାର ଜଣଙ୍କ ମ୍ୟାଲେରିଆ ପଜିଟିଭି ଚିହ୍ନଟ ହୋଇଛି । ମୃତ ଦୁଇଜଣଙ୍କ ଶବ ସତ୍କାର କରାଯାଇଥିବା ବେଳେ ବର୍ତ୍ତମାନ ଗ୍ରାମରେ ଭୟର ବାତାବରଣ ଦେଖିବାକୁ ମିଳିଛି ।

ବିପଦ ସଙ୍କୁଳ ରେଳ ଷ୍ଟେସନ୍ ରାସ୍ତା:ଘଟୁଛି ଦୁର୍ଘଟଣା

ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱର ନୂଆ ରେଳଷ୍ଟେସନ୍ ଠାରୁ ବାରଙ୍ଗ ରେଳଷ୍ଟେସନ୍ ପର୍ଯ୍ୟନ୍ତ ରାସ୍ତା ଏବେ ଖାଲଖମାରେ ପରିଣତ ହୋଇଛି । ସାମାନ୍ୟ ବର୍ଷା ହେଲେ ଏହି ରାସ୍ତାକୁ ଦେଖିଲେ ତାହା କୃତିମ ପୋଖରୀର ଭ୍ରମ ସୃଷ୍ଟି ହେଉଛି । ଏହି ରାସ୍ତାରେ ଅନେକ ସମୟରେ ଛୋଟ ବଡ ଦୁର୍ଘଟଣା ଘଟୁଥିଲେ ହେଁ ପ୍ରଶାସନିକ ଉଦାସୀନତା ଯୋଗୁଁ ତାହାର କୌଣସି ପ୍ରତିକାର ବ୍ୟବସ୍ଥା ହୋଇପାରୁନାହିଁ । ଯାହାଫଳରେ ସାଧାରଣ ଲୋକ ଏହି ରାସ୍ତା ଦେଇ

ଯାତାୟାତ କରିବା ପାଇଁ ଇଚ୍ଛା ପ୍ରକାଶ ବି କରୁନାହାନ୍ତି । ତେବେ ଗତ ୧୦/୧୨ବର୍ଷ ତଳୁ ଏହି ରାସ୍ତା ଓ କୋଠାବାଡି ବିଭାଜନ ଭୁବନେଶ୍ୱର ଅଧିନରୁ ବାହାରି ରେଲୱେ ଅଧିନକୁ ଆସିଥିଲା । ନୂତନ ଭାବେ ଭୁବନେଶ୍ୱର ନୂଆ ରେଳଷ୍ଟେସନ୍ ହେବା ସମୟରେ ଏହି ରାସ୍ତାଟିକୁ ନୂଆକରି କାମ କରାଯାଇଥିଲା । ପରବର୍ତ୍ତୀ ସମୟରେ ରାସ୍ତାଟିର ମରାମତି ପ୍ରତି ଗୁରୁତ୍ୱ ଦିଆନଯିବାରୁ ରାସ୍ତା ଏବେ ଖାଲଖମାରେ ଭରି ରହିଛି । ଏହି ରାସ୍ତା ବାରଙ୍ଗ ବଜାର ସହ ନନ୍ଦନକାନନକୁ ସଂଯୋଗ କରିଛି । ବାରଙ୍ଗ ରେଳ ଷ୍ଟେସନ୍‌ରୁ ପ୍ରତ୍ୟହ ଶହ ଶହ ପର୍ଯ୍ୟଟକ ଏହି ରାସ୍ତା ଦେଇ ନନ୍ଦନକାନନକୁ ଆସିଥାନ୍ତି । ରାସ୍ତା ଖରାପ ଯୋଗୁ ପର୍ଯ୍ୟଟକମାନେ ନାହିଁନଥିବା ହିନସ୍ତା ହେଉଛନ୍ତି । ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେଇ ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି ।

ଜାତୀୟ ରାଜପଥ ଦୁର୍ଘଟଣା:ମୃତ ଯୁବକର ପରିଚୟ ମିଳିଲା

ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ

ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟ ଓଭରବ୍ରିଜ୍ ଉପରେ ଘଟିଥିବା ଦୁର୍ଘଟଣାରେ ମୃତ ଯୁବକର ପରିଚୟ ଜଣାପଡ଼ିଛି । ଧର୍ମଶାଳା ଥାନା ଅଧିକାରୀ ତପନକୁମାର ନାୟକ ସୂଚନାରୁ ପ୍ରକାଶ ଯୁବକର ମୃତ୍ୟୁ ଦୁର୍ଘଟଣାଜନିତ । ମୃତ ଯୁବକ ଯାଜପୁର ଜିଲ୍ଲା ଗୋଳକୁଣ୍ଡା ଥାନା ଚିକଣାପଞ୍ଚାୟତ ପାଇରଖ ଗ୍ରାମର ରତ୍ନାକର ମଲିକଙ୍କ ପୁଅ ସୁବାସ ମଲ୍ଲିକ (୪୫) । ସେ କାମରେ ମଙ୍ଗଳବାର ରାତି ୧୦ଟାରେ ନିଜ ବାଇକ୍‌ରେ କଟକ ଗୋପାଳପୁର ଯାଉଥିଲେ । ତାଙ୍କୁ କୁଆଖିଆ ଥାନା ଗୋପାଳପୁର ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା । ୪ କିମି ଘୋଷାରି ନେଇ ବ୍ରାହ୍ମଣୀ ବ୍ରିଜ୍ ପରେ ଭାଲୁଖାଇ ନିକଟ ଓଭର୍ ବ୍ରିଜ୍ ଉପରେ ପକାଇ ପଳାଇଥିଲା । ଗୋପାଳପୁର ଛକ ନିକଟରୁ ପୋଲିସ ସୁବାସର ବାଇକ୍‌କୁ ଜବତ କରିଛି । କିନ୍ତୁ ଧକ୍କା ଦେଇଥିବା ଗାଡ଼ିର ପତ୍ତା ଏପର୍ଯ୍ୟନ୍ତ ମିଳିନାହିଁ । ଧର୍ମଶାଳା ପୋଲିସ କେସ୍‌ନଂ ୭୦୭/୨୪ରେ ମାମଲା ରୁଜୁକରି ତଦନ୍ତ କରୁଛି । ଏହି ଦୁର୍ଘଟଣା ଏବେ ସାଧାରଣରେ ଆଲୋଡନ ସୃଷ୍ଟି କରିଛି । ଗୋପାଳପୁର ନିକଟରେ ଦୁର୍ଘଟଣା ଘଟିଲା । ବାଇକ୍ ସେଠାରେ ପଡ଼ିଛି । କିନ୍ତୁ ୪ କିମି ଦୂରରେ ଯୁବକର ଶବ ଉଦ୍ଧାର କରାଯାଇଛି । ଏତେବାଟ କେମିତି ଗାଡ଼ିରେ ଘୁଷୁରି ଆସିଲା କେହି ଜାଣିପାରିଲେନାହିଁ । ସମସ୍ତ କଥା ଅଡୁଆ ଲାଗୁଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ସ୍ଥାନୀୟ ସିସିଟିଭି ଫୁଟେଜରୁ ପୋଲିସ ତଦନ୍ତ ଜାରିରଖିଛି । ଯାଜପୁର ରୋଡ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ଘଟଣା ସ୍ଥଳକୁ ଆସି ତଦନ୍ତ କରିଛନ୍ତି ।

ଭରତପୁର ଥାନା ମାମଲାରେ ଝାରପଡ଼ା ଜେଲ୍‌ରେ କ୍ରାଇମ୍‌ବ୍ରାଞ୍ଚ୍ ଟିମ୍‌ର ଜେରା

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଭରତପୁର ଥାନା ମାମଲାର ତଦନ୍ତ କରୁଥିବା କ୍ରାଇମ୍‌ବ୍ରାଞ୍ଚ୍ ଟିମ୍ ଝାରପଡ଼ା ଜେଲ୍‌ରେ ଅଧିକ୍ଷକ, ଡାକ୍ତର ଓ ଫାର୍ମାସିଷ୍ଟଙ୍କୁ ଭେଟିଛି । ଆହତ ଅବସ୍ଥାରେ ଜେଲ୍‌କୁ ଆସିଥିବା ପୀଡ଼ିତାଙ୍କର ସେହି ସମୟର ସ୍ୱାସ୍ଥ୍ୟାବସ୍ଥା ବାବଦରେ କ୍ରାଇମ୍‌ବ୍ରାଞ୍ଚ୍ ଟିମ୍ ପଚରାଉଚରା କରିଛି । ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ପୀଡ଼ିତାଙ୍କୁ ଭୁବନେଶ୍ୱର ଏମ୍‌ସ୍ ପଠାଗଲା ଅଥଚ ପୂର୍ବରୁ କଣ ପାଇଁ ତାଙ୍କୁ ଜେଲ୍‌ରେ ରଖି ଚିକିତ୍ସା କରାଯାଉଥିଲା ବୋଲି ଜାଣିବାକୁ କ୍ରାଇମ୍‌ବ୍ରାଞ୍ଚ୍ ଟିମ୍ ଖୋଳତାଡ଼ କରିଛି । ୧୫ ତାରିଖ ଦିନ ସକାଳେ ଭରତପୁର ଥାନା ପୋଲିସ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ପୀଡ଼ିତାଙ୍କ ମେଡିକାଲ୍ ପରୀକ୍ଷା କରାଇବା ପରେ କୋର୍ଟ ଚାଲାଣ କରିଥିଲା । କୋର୍ଟରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା । ୧୭ ତାରିଖ ପର୍ଯ୍ୟନ୍ତ ସେ ଝାରପଡ଼ା ଜେଲ୍‌ରେ ଥିଲେ । ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ତାଙ୍କୁ ଭୁବନେଶ୍ୱର ଏମ୍‌ସ୍‌କୁ ସ୍ଥାନାନ୍ତର କରାଯାଇଥିଲା ଏବଂ ସେଠାରେ ୨ ଦିନ ରହି ସେ ଚିକିତ୍ସିତ ହୋଇଥିଲେ । ଏହାପରେ ୧୯ ତାରିଖ ଦିନ ତାଙ୍କୁ ହାଇକୋର୍ଟରୁ ଜାମିନ୍ ମିଳିଥିଲା ଏବଂ ସେ ହସ୍ପିଟାଲ୍‌ରୁ ମଧ୍ୟ ଘରକୁ ଫେରିଥିଲେ । ମାମଲାର ତଦନ୍ତ କରୁଥିବା କ୍ରାଇମ୍‌ବ୍ରାଞ୍ଚ୍ ଟିମ୍ ପୂର୍ବରୁ କ୍ୟାପିଟାଲ୍ ହସ୍ପିଟାଲ୍‌ର ଡାକ୍ତରଙ୍କୁ ଭେଟି କୋର୍ଟ ଚାଲାଣ ପୂର୍ବରୁ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ବାବଦରେ ପଚରାଉଚରା କରିସାରିଛି । ଟିମ୍ ଝାରପଡ଼ା ଜେଲ୍‌ର ଅଧିକ୍ଷକ, ଡାକ୍ତର ଓ ଫାର୍ମାସିଷ୍ଟଙ୍କୁ ପଚରାଉଚରା କରିଛି । ଜେଲ୍‌କୁ ଆସିବା ବେଳେ ପୀଡ଼ିତାଙ୍କ ଅବସ୍ଥା କିଭଳି ଥିଲା ? ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା କି ନାହିଁ ? ତାଙ୍କୁ ସେତେବେଳେ କି ପ୍ରକାର ଚିକିତ୍ସା ଆବଶ୍ୟକ ଥିଲା ଏବଂ କି ପ୍ରକାର ଚିକିତ୍ସା ସେବା ଯୋଗାଇ ଦିଆଯାଇଥିଲା ? ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ତାଙ୍କୁ ଭୁବନେଶ୍ୱର ଏମ୍‌ସ ସ୍ଥାନାନ୍ତର କରାଯାଇଥିଲା । ଯଦି ଏମିତି ସ୍ଥିତି ଥିଲା, ପୂର୍ବରୁ କଣ ପାଇଁ ତାଙ୍କୁ ଜେଲ୍‌ରେ ରଖି ଚିକିତ୍ସା କରାଯାଉଥିଲା ? ଜେଲ୍ ଅଧିକ୍ଷକ, ଡାକ୍ତର ଓ ଫାର୍ମାସିଷ୍ଟଙ୍କ ଠାରୁ ଏଭଳି ପ୍ରଶ୍ନର ଉତ୍ତର ସଂଗ୍ରହ କରି କ୍ରାଇମ୍‌ବ୍ରାଞ୍ଚ ଟିମ୍ ରେକର୍ଡ କରିଛି । ସୂଚନାଯୋଗ୍ୟ ଯେ ପୀଡ଼ିତା ଥାନାକୁ ଅଭିଯୋଗ କରିବାକୁ ଆସି ଅଭିଯୁକ୍ତ ପାଲଟିଗଲେ ବୋଲି ସଂଗିନ୍ ଅଭିଯୋଗ ହୋଇଛି । ମାମଲାରେ ହାଇକୋର୍ଟ ହସ୍ତକ୍ଷେପ କରିବା ପରେ ପୀଡ଼ିତାଙ୍କୁ ଭୁବନେଶ୍ୱର ଏମ୍‌ସ୍ ନିଆଯାଇ ଚିକିତ୍ସା କରାଯାଇଛି । ମାମଲାରୁ ଗୁରୁତ୍ୱ ଉପଲବ୍ଧି କରି ସରକାର ମଧ୍ୟ କ୍ରାଇମ୍‌ବ୍ରାଞ୍ଚ୍ ତଦନ୍ତ କରାଇବା ସହ ପରେ ନ୍ୟାୟିକ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ତେଣୁ କ୍ରାଇମ୍‌ବ୍ରାଞ୍ଚର ମେଡିକାଲ୍ ରିପୋର୍ଟ ସଂଗ୍ରହ ଓ ମେଡିକାଲ୍ ଟିମ୍‌ର ବୟାନ ରେକର୍ଡ ଏହି ମାମଲାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି ବିବେଚିତ ହେଉଛି । କ୍ୟାପ୍‌ଟେନ୍ ଓ ତାଙ୍କ ବାନ୍ଧବୀଙ୍କୁ କମିସନରେଟ୍ ପୋଲିସ ପକ୍ଷରୁ ପୃଥକ୍ ପୃଥକ୍ ପିଏସଓ ପ୍ରଦାନ କରାଯାଇଛି । ସେମାନେ ଉଭୟଙ୍କୁ ୨୪ ଘଣ୍ଟିଆ ସୁରକ୍ଷା ଯୋଗାଇବେ । ସୁରକ୍ଷା ପାଇଁ କ୍ୟାପ୍‌ଟେନ୍‌ଙ୍କ ବାନ୍ଧବୀଙ୍କ ବାପା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

କ୍ୟାପିଟାଲ୍ ହସ୍ପିଟାଲ୍‌ରେ ସଫେଇ କର୍ମଚାରୀଙ୍କ ଆନ୍ଦୋଳନ

ନାକରେ ରୁମାଲ୍ ବାନ୍ଧି ରୋଗୀଙ୍କ ଚିକିତ୍ସା କଲେ ଡାକ୍ତର

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

କ୍ୟାପିଟାଲ୍ ହସ୍ପିଟାଲ୍‌ର ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଫଳରେ ହସ୍ପିଟାଲ୍ ପରିସରରୁ ଅଳିଆ ଉଠି ପାରିନାହିଁ । ତେଣୁ ହସ୍ପିଟାଲ୍ ଦୁର୍ଗନ୍ଧରେ ଫାଟି ପଡ଼ିଥିଲା । ଡାକ୍ତର ନାକରେ ରୁମାଲ୍ ବାନ୍ଧି ରୋଗୀ ଚିକିତ୍ସା କରିଥିବା ବେଳେ ରୋଗୀମାନେ ମଧ୍ୟ ରୁମାଲ୍ ବାନ୍ଧି ଯାଆସ କରୁଥିଲେ । ହସ୍ପିଟାଲ୍‌ର ବିଭିନ୍ନ ବାରଣ୍ଡାରେ ମଇଳା ପାଣି ଭାସିବା ସହିତ ଡଷ୍ଟବିନ୍ ଅଳିଆରେ ଉଛୁଳି ପଡ଼ିଥିଲା । ବିଭିନ୍ନ ୱାର୍ଡର ଶୌଚଳୟ ସଫା ହେଉନଥିବାରୁ ମଇଳା ପାଣି ବାରଣ୍ଡାରେ ବୋହିଥିଲା । ଫଳରେ ୱାର୍ଡମାନଙ୍କର ବାରଣ୍ଡାରେ ପରିସ୍ରାମିଶା ପାଣି ପରିସ୍ଥିତିକୁ ଅସମ୍ଭାଳ କରିପକାଇଥିଲା । ସଫା ହୋଇ ପାରୁନଥିବାରୁ କ୍ୟାବିନ୍ ଦିଆଯାଇ

ପାରୁନାହିଁ । ଆଇପିଡି ରୋଗୀମାନେ ହଇରାଣ ହେଉଛନ୍ତି । ହସ୍ପିଟାଲ୍ ବାରଣ୍ଡାରେ ବିଭିନ୍ନ ସ୍ଥାନରେ ମଇଳା ପଡ଼ିଥିବା ଦେଖିବାକୁ ମିଳିଛି । ମେଡିସିନ୍, ବ୍ୟବହୃତ ତୁଳା, ରକ୍ତ ଆଦି ପଡ଼ିରହିଛି । ପରିବେଶ ସମ୍ପୂର୍ଣ୍ଣ ଦୂଷିତ ହୋଇଯାଇଛି । ତେବେ ଜରୁରିକାଳୀନ ବିଭାଗ ଯେପରିକି, ଆଇସିୟୁ, ଲେବର ରୁମ୍, ଶିଶୁ ବିଭାଗର ଏସ୍‌ଏନ୍‌ସିୟୁ, ପିକୁ ଆଦି ସ୍ଥାନମାନଙ୍କରେ ସଫେଇ କର୍ମଚାରୀ ନିଯୁକ୍ତି ଅଛନ୍ତି । ଏଣେ ଆନ୍ଦୋଳନରତ ସଫେଇ କର୍ମଚାରୀଙ୍କୁ ବୁଝାଇବାରେ ଫେଲ୍ ମାରିଛି ପ୍ରଶାସନ । ଏକାମ୍ର ବିଧାୟକ ବାବୁ ସିଂହ, ଜିଲ୍ଲା ଶ୍ରମ ଅଧିକାରୀ, ହସ୍ପିଟାଲ ପ୍ରଶାସନ, ପୋଲିସ ପ୍ରମୁଖ ସଫେଇ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ସଫେଇ କର୍ମଚାରୀମାନେ ମାନିନାହାନ୍ତି । ରାତି ପ୍ରାୟ ୧୧ଟା ପର୍ଯ୍ୟନ୍ତ ଆଲୋଚନା କରାଯାଇଥିଲେ ମଧ୍ୟ ସଫେଇ କର୍ମଚାରୀମାନେ ମାନିବାକୁ ନାରାଜ । ଦଶହରା ବୋନସ୍ ସହିତ ୩୦ ଦିନ ଦରମା ନଦିଆଗଲେ ଆନ୍ଦୋଳନରୁ ହଟିବେନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇ ଦେଇଛନ୍ତି ।

ଅଁଳାଭଟା ଗାଁରେ ଝାଡ଼ାବାନ୍ତି, ୬ ଜଣ ଆକ୍ରାନ୍ତ

ମଇଦଲପୁର, ନ୍ୟୁଜ୍ ବ୍ୟୁରୋ

କଳାହାଣ୍ଡି ଜିଲ୍ଲାର ଜୟପାଟଣା ବ୍ଲକ ଅନ୍ତର୍ଗତ ଅଁଳାଭଟା ଗାଁରେ ଝାଡ଼ାବାନ୍ତି ଆରମ୍ଭ ହୋଇଛି । ଏଥିରେ ୬ ଜଣ ଆକ୍ରାନ୍ତ ହୋଇଛନ୍ତି । ପ୍ରଥମେ ଗ୍ରାମବାସୀ ମହେନ୍ଦ୍ର ଦଳପତି (୨୭) ଓ ରତନା ହରିଜନ (୪୦)ଙ୍କୁ ଅଟୋ ଯୋଗେ ନବରଙ୍ଗପୁର ଜିଲ୍ଲା ମଇଦଲପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଥିଲେ । ଚିକିତ୍ସା ସତ୍ତ୍ୱେ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ନଆସିବାରୁ ତାଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସେହିପରି ପ୍ରମିଳା (୨୫), ଦେଶୀ ମୁଦୁଲି (୪୦), ବାମନଦେଇ ଦଳପତି (୫୦)ଙ୍କ ସହ ଅନ୍ୟ ଜଣେ ଚିକିତ୍ସା ପାଇଁ ମଇଦଲପୁର ଡାକ୍ତରଖାନାକୁ ଆସିଥିଲେ । ସେଥିରୁ ୩ ଜଣଙ୍କ ଅବସ୍ଥା ସଂକଟାପନ୍ନ ରହିଥିବାରୁ ପାପଡ଼ାହାଣ୍ଡି ନେବାକୁ ଡାକ୍ତର ପରାମର୍ଶ ଦେଇଥିଲେ । ତେବେ ସେହି ସମୟରେ ଆମ୍ବୁଲାନ୍ସ ଉପଲବ୍ଧ ନହେବାରୁ ସାଲାଇନ୍ ଲାଗିବା ଅବସ୍ଥାରେ ଆକ୍ରାନ୍ତଙ୍କୁ ଅଟୋ ଯୋଗେ ପାପଡ଼ାହାଣ୍ଡି ନିଆଯାଇଥିଲା । ମୋଟ୍ ୪ ଜଣ ଆକ୍ରାନ୍ତ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି । ଏହି ଗାଁକୁ ପକ୍କା ରାସ୍ତା ନାହିଁ । ସମସ୍ତ ଆକ୍ରାନ୍ତଙ୍କୁ ଡାକ୍ତରଖାନା ଆଣିବାକୁ ଗ୍ରାମବାସୀ ପ୍ରାୟ ୫ କିଲୋମିଟର କାନ୍ଧରେ ବୋହିଥିଲେ । ଏହାପରେ ଅଟୋରେ ମଇଦଲପୁର ଆସିଥିଲେ ।

ରେଙ୍ଗାଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ସିଏଚ୍‌ସି କରିବା ପାଇଁ ସଚିବଙ୍କୁ ଦାବିପତ୍ର

ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ

ବରିଷ୍ଠ ନାଗରିକ ପରିଷଦ ରେଙ୍ଗାଲି ପକ୍ଷରୁ ଓଡ଼ିଶା ସରକାରଙ୍କ ସାଶନ ସଚିବ ଅରବିନ୍ଦ ଅଗ୍ରୱାଲ ରେଙ୍ଗାଲି ଡାକ୍ତରଖାନା ପରିଦର୍ଶନ ସମୟରେ ପରିଷଦ ପକ୍ଷରୁ ଏକ ଦାବିପତ୍ର ଦିଆଯାଇଥିଲା । ଦୀର୍ଘ ଦିନର ଦାବି ରେଙ୍ଗାଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ତହସିଲ ଛକରେ ଫ୍ଲାଏ ଓଭର ନିର୍ମାଣ, ବ୍ଲକ ରୋଡ଼ରେ ରେଲ୍‌ଫାଟକ ଓଭର୍ ବ୍ରିଜ୍ ନିର୍ମାଣ ପାଇଁ ଏକ ଦାବି ପତ୍ର ପ୍ରଦାନ କରାଗଲା । ସଚିବ ଅଗ୍ରୱାଲଙ୍କୁ ବିସ୍ତୃତ ଭାବେ ପରିଷଦ ସମ୍ପାଦକ ଅନ୍ତର୍ଯ୍ୟାମୀ ପାଣି ଅବଗତ କଲାପରେ, ସମସ୍ୟାର ଗୁରତ୍ୱ ଥିବା ଯୋଗୁ ଧ୍ୟାନ ଦେବା ପାଇଁ ପ୍ରକାଶ କରିଥିଲେ । ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସିଡିଏମ୍‌ଓ ସୁଚିତ୍ରା ମିଶ୍ର, ଡ଼ା ଆଶିଷ ମାଝୀ, ପୂର୍ତ୍ତ ବିଭାଗ ଇଞ୍ଜିନିୟର ଏବଂ ପ୍ରମୁଖ ପ୍ରଶାସନିକ ଅଧିକାରମାନେ ଉପସ୍ଥିତ ଥିଲେ ଏବଂ ବରିଷ୍ଠ ନାଗରିକ ପରିଷଦର ସଭାପତି ଦୁର୍ଯ୍ୟୋଧନ ଗର୍ଡିଆ, ଉଦୟ ସାହୁ, ସୁବାସ ସିଂ, କିଶୋର ସାହୁ ସୁବାଷ ଚନ୍ଦ୍ର ସାହୁ, ରାଜାରାମ ମହାନା, ଜୟଦ୍ରଥ ବିଶ୍ୱାଳ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

ଖଣ୍ଡଗିରି, ନ୍ୟୁଜ୍ ବ୍ୟୁରୋ

ଭରତପୁର ଥାନା ଅଞ୍ଚଳ ଦିନକୁ ଦିନ ଅଶାନ୍ତ ହେବାରେ ଲାଗିଛି । ପୂର୍ବ ଶତ୍ରୁତାରୁ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା । ଏଥିରେ ଯୁବକ ଜଣଙ୍କ ଗୁରୁତର ଆହତ ହୋଇଥିଲେ । ପରିବାର ଲୋକ ତାଙ୍କୁ ପ୍ରଥମେ ଏକ ଘରୋଇ ଡାକ୍ତରଖାନା ଓ ପରେ କ୍ୟାପିଟାଲ୍ ହସ୍ପିଟାଲକୁ ପଠାଇଥିଲେ । ଚିକିତ୍ସାଧିନ ଅବସ୍ଥାରେ ଯୁବକ ଜଣଙ୍କର ମୃତ୍ୟୁ ଘଟିଛି । ମୃତକ ହେଲେ ଭରତପୁର ମୁଣ୍ଡା ସାହିରେ ରହୁଥିବା ନାରଣ ମାରାଣ୍ଡି ଓରଫ ହାତୀ ଏନେଇ ତାଙ୍କ ଭାଇ ବାସୁ ମାରାଣ୍ଡି ଭରତପୁର ଥାନାରେ ହତ୍ୟା ଅଭିଯୋଗ ଆଣିଛନ୍ତି । ପ୍ରାଥମିକ ତଦନ୍ତରୁ ପୋଲିସ ଏହା ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ କରିନଥିଲେ ମଧ୍ୟ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁସାରେ ନାରଣ ପରିବାର ସହ ଭରତପୁରର ମୁଣ୍ଡା ସାହିରେ ରହନ୍ତି । ସେ ଏକ ଘରୋଇ ଡାକ୍ତରଖାନାରେ କାମ କରନ୍ତି । ଗତ ୨୨ ତାରିଖ ରାତି ପ୍ରାୟ ୧୧ଟା ବେଳେ କାମ ସାରି ଘରକୁ ଫେରୁଥିଲେ । ପୂର୍ବ ଶତ୍ରୁତାକୁ ନେଇ ଉକ୍ତ ସାହିର କିଛି ଯୁବକ ତାଙ୍କୁ ପୂର୍ବରୁ ହତ୍ୟା ଧମକ ଦେଇଥିଲେ । ଭାଇ ବାସୁ ଅଭିଯୋଗରେ ଦର୍ଶାଇଛନ୍ତି । ଫେରିବା ସମୟରେ ସାହିର କିଛି ଯୁବକ ଅଟକାଇ ଗାଳିଗୁଳଜ କରିଥିଲେ । ନାରଣ ପ୍ରତିବାଦ କରିଥିଲେ । ସାହିର ୩ ଭାଇ ଓ ତାଙ୍କର କିଛି ସହଯୋଗୀ ମିଶି ତାଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ । ଆକ୍ରମଣରେ ନାରଣ ଘଟଣାସ୍ଥଳରେ ଅଚେତ ହୋଇପଡ଼ିଯାଇଥିଲେ । ଆକ୍ରମଣକାରୀ ଘଟଣା ସ୍ଥଳରୁ ଫେରାର୍ ହୋଇଯାଇଥିଲେ । ନାରଣଙ୍କ ବଡ଼ ଭାଇ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରଥମେ ଏକ ଘରୋଇ ଡାକ୍ତରଖାନାକୁ ନେଇଥିଲେ । ଅବସ୍ଥା ଗୁରୁତର ହେବାରୁ ସେଠାରୁ ପରେ କ୍ୟାପିଟାଲ୍

ପକ୍ଷାନ୍ତରୀୟ
30 YEARS
ସମ୍ବାଦ କାଳିକା

ଗ୍ରାମାଞ୍ଚଳରେ କୃଷି କ୍ଷେତ୍ର ଉପରେ ଚାପ

ଶସ୍ୟଭିତ୍ତିକ ଜିନିଷର ମୂଲ୍ୟ ବଢ଼ିଛି । ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକମାନଙ୍କୁ ଅଧିକ ଦାମ୍ ଦେଇ ଜିନିଷ କିଣିବାକୁ ପଡୁଛି । ତାହାର ପ୍ରଭାବରେ ଚଳିତ ବର୍ଷ ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର ୭.୫୫ ପ୍ରତିଶତ ରହିଛି । ତଥ୍ୟ ଅନୁଶୀଳନରୁ ଜଣାପଡ଼ିଛି ଯେ ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳ ଉପରେ ଦରଦାମର ଅଧିକ ଚାପ ରହିଛି । ଗ୍ରାମାଞ୍ଚଳର ଖୁଚୁରା ମୁଦ୍ରାସ୍ଫୀତି ହାର ୬.୪୭ ପ୍ରତିଶତ ଥିଲା ଯାହା ୭.୬୦ ପ୍ରତିଶତକୁ ବୃଦ୍ଧି ପାଇଛି । ସେହି ସମୟରେ ସହରାଞ୍ଚଳର ଖୁଚୁରା ମୁଦ୍ରାସ୍ଫୀତି ହାର ୭.୭୬ ପ୍ରତିଶତରୁ ହ୍ରାସ ପାଇ ୭.୩୨ ପ୍ରତିଶତ ହୋଇଛି । ଏ ସମ୍ପର୍କରେ ଅର୍ଥନୀତିଜ୍ଞ ପ୍ରଭାସ ମିଶ୍ର କହିଛନ୍ତି ଯେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଖାଦ୍ୟଶସ୍ୟ ଦାମ୍ ଅଧିକ ରହିଛି । କିନ୍ତୁ ଗ୍ରାମାଞ୍ଚଳରେ ଦରଦାମ୍ ବଢ଼ିବା ଅର୍ଥନୀତି ପାଇଁ ଶୁଭଙ୍କର ନୁହେଁ । ସହରାଞ୍ଚଳରେ ଲୋକମାନେ ମୁଖ୍ୟତଃ ପ୍ୟାକେଟ୍ ଖାଦ୍ୟ ଖାଇଥାଆନ୍ତି । ସେଠାରେ ଦର ବଢ଼ିଲେ ମାନୁଫାକ୍ଚରିଂ କ୍ଷେତ୍ର ଉପରେ ଚାପ ରହିଛି ବୋଲି ଧରିନିଆଯାଏ । ଉତ୍ପାଦନ ବଢ଼ିଲେ ସ୍ଥିତିରେ ସୁଧାର ହୋଇଥାଏ । କିନ୍ତୁ ଗ୍ରାମାଞ୍ଚଳରେ ଦରଦାମ୍ ଅଧିକ ରହିବାର ଅର୍ଥ ହେଉଛି କୃଷି କ୍ଷେତ୍ର ଉପରେ ଚାପ ରହିଛି । କୌଣସି ପର୍ବପର୍ବାଣି ନଥିବା ସତ୍ତ୍ୱେ ଗାଁରେ ଦରଦାମ୍ ବଢ଼ିବା ଚିନ୍ତାର ବିଷୟ ବୋଲି ସେ କହିଛନ୍ତି । ସେହିପରି, ଓଡ଼ିଶା ଅର୍ଥନୈତିକ ସଂଘର ସଚିବ ଅମରେନ୍ଦ୍ର ଦାସ କହିଛନ୍ତି ଯେ ରାଜ୍ୟର ଗ୍ରାମାଞ୍ଚଳରେ କମ୍ ଫଳ ଓ ପନିପରିବା ଉତ୍ପାଦନ ହେଉଛି । ସେଥିପାଇଁ ଆମକୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ଲାଗି ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି । ମାତ୍ର ବାହାରେ ରହି କାମ କରୁଥିବା ଲୋକମାନେ ଟଙ୍କା ପଠାଉଥିବା ବେଳେ ସାଧାରଣ ବଣ୍ଟନ ବ୍ୟବସ୍ଥା ଜରିଆରେ ଖାଦ୍ୟଶସ୍ୟ ମିଳୁଥିବାରୁ ଉପଯୋଗିତା ଅଧିକ ରହିଛି । ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଯୋଗାଣ ଶୃଙ୍ଖଳ ଅଧିକ ସୁଦୃଢ଼ । ସେଥିପାଇଁ ଗ୍ରାମାଞ୍ଚଳରେ ଦରଦାମ୍ ଅଧିକ ରହୁଥିବା ସେ କହିଛନ୍ତି । ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର କ୍ରମାଗତ ଭାବେ ଦେଶରେ ସର୍ବାଧିକ ରହୁଛି । ଚଳିତ ବର୍ଷ ଜାତୀୟ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୦୯ ପ୍ରତିଶତକୁ ହ୍ରାସ ପାଇଛି । ଓଡ଼ିଶାର ମୁଦ୍ରାସ୍ଫୀତି ତା'ଠାରୁ ପ୍ରାୟ ୨.୫% ଅଧିକ ରହୁଛି । ଓଡ଼ିଶା ବ୍ୟତୀତ ତେଲେଙ୍ଗାନା (୬.୭୧%), ହରିୟାଣା (୬.୨୮%), ଆସାମ (୬.୦୨%), ଆନ୍ଧ୍ରପ୍ରଦେଶ (୫.୬୬%), ଗୁଜରାଟ (୫.୩୯%), ଝାଡ଼ଖଣ୍ଡ (୫.୮୫%) ଏବଂ କର୍ଣ୍ଣାଟକରେ (୫.୭୪%) ଖୁଚୁରା ମୁଦ୍ରାସ୍ଫୀତି ହାର ଅଧିକ ରହିଛି ।

ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

ସତ୍ୟ ଭାଗବତ

ଶ୍ରୀ ଅଭିରାମ ସରସ୍ୱତୀ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗସ୍ତା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମୁତେ ।'

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଞ୍ଜାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅ୍ୱ ବ୍ୟ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡ୍ରସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ
ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁର୍ଗସ୍ତା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ୱ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

ଭବିତବ୍ୟ ଯାହା ଅବଶ୍ୟ ଘଟିବ–୫୨

ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ–୯୬୬୮୨୯୮୪୯୪

ଏହି ସମୟ ମଧ୍ୟରେ ଲକ୍ଷ୍ମଣ ଚାଲି ଆସିଲେଣି ରାଜ ଦାଣ୍ଡକୁ । ଧୀରେ ଧୀରେ ସେ ଚାଲିଛନ୍ତି ସରଯୂନଦୀ ଅଭିମୁଖେ । ତାଙ୍କ ପଛରେ ଛୁଟି ଚାଲିଛନ୍ତି ଶହ ଶହ ପ୍ରଜା, ସମସ୍ତେ ଅସ୍ଥିର, ବିଚଳିତ । ଏମାନଙ୍କ ସହ କାନ୍ଦି କାନ୍ଦି ଚାଲିଥାନ୍ତି ରଘୁବଂଶର ସମସ୍ତ ସଦସ୍ୟ । ପାରିଷଦ ବର୍ଗ । ଲକ୍ଷ୍ମଣଙ୍କର ଉଭୟ ପାର୍ଶ୍ୱରେ ଚାଲିଥାନ୍ତି ଶ୍ରୀରାମ, ଭରତ, ଶତ୍ରୁଘ୍ନ ଓ ହନୁମାନ । ଲକ୍ଷ୍ମଣ ଯେତେବେଳେ କିଛି ସମୟ ପୂର୍ବରୁ ସିଂହ ଦ୍ୱାର ନିକଟରେ ପହଞ୍ଚି ଯାଇଥିଲେ । ସେତେବେଳେ ସୁମିତ୍ରା ପାଗଳିଙ୍କ ଭଳି ପୁଅର ଶେଷ ଦର୍ଶନରେ ଚୁମ୍ବନ ଦେଉଥିବା ସମୟରେ ତାଙ୍କ ହୃଦୟରୁ ଉଠୁଥିବା ଅସମ୍ଭାଳ କୋହ ଓ ଭୟାନକ ମାନସିକ ଯଂତ୍ରଣାକୁ ଦେଖିଲେ ପୃଥିବୀଟା ମଧ୍ୟ ଦୁଇଫାଳ ହୋଇଯିବ । ପୃଥିବୀର କୌଣସି ମହାଶକ୍ତି ନାହିଁ ତାଙ୍କୁ ବୁଝାଇ ପାରିବେନି, ବାରମ୍ବାର ସିଂହ ଦ୍ୱାରର କର୍କଶ ଶିଳାଖଣ୍ଡ ଉପରେ ମଥାପିଟି ଚାଲିଥାନ୍ତି ସେ । ମଥା ଫାଟିଯାଇ ଲୁହରେ ଭିଜିଗଲାଣି ଶରୀରର ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗ, ଏପିରିକି ସେ ଜୀବିତ କି ମୃତ ତାହାବି ସେ ଜାଣି ପାରୁନାହାନ୍ତି । ହଠାତ୍ ତାଙ୍କର ଚେତା ଚାଲିଯାଇଥିଲା । ଲକ୍ଷ୍ମଣଙ୍କର ପତ୍ନୀ ଉର୍ମିଳା ଯେତେବେଳେ ତାଙ୍କ ସ୍ୱାମୀଙ୍କୁ ଶେଷ ଦର୍ଶନ କରୁଥାନ୍ତି, କିଏ ବର୍ଣ୍ଣନା କରିବ ତାଙ୍କରି ଛାତିଫଟା କୋହଭରା ହୃଦୟକୁ ? କାହାର ବା ଏପୃଥିବୀରେ ଏତେ ଅସୀମ ଶକ୍ତି ଅଛି, ଲକ୍ଷ୍ମଣଙ୍କ ସମ୍ମୁଖରୁ ତାଙ୍କୁ ଅଲଗା କରିପାରିବ ? ଏତେ ବିକଳ ଅଶ୍ରୁପାତ, ଏତେବଡ ଛାତିଫଟା କୋହକୁ ସମ୍ଭାଳିବ ? ସମସ୍ତେ ଚିନ୍ତା କରୁଥାନ୍ତି ଦୁଇଟି କଥା । ଗୋଟିଏ କଥା ହେଲା ଯଦି ଲକ୍ଷ୍ମଣ ନିଜେ ଉର୍ମିଳାଙ୍କ ନିକଟରୁ ବିଦାୟ ପାଇଁ ଚେଷ୍ଟା ନକରିବେ କିମ୍ବା ଦ୍ୱିତୀୟଟି ହେଲା ଉର୍ମିଳା ଯଦି ଚେତନାହୀନ ନହେବେ, ତେବେ ହୁଏତ ଲକ୍ଷ୍ମଣ ଚାଲି ଆସି ପାରିବେ, ନଚେତ୍ ନାହିଁ । ଠିକ୍ ସେହି କଥା ହିଁ ଶେଷରେ ଘଟିଗଲା, ଉର୍ମିଳାଙ୍କ ଚେତା ଚାଲିଗଲା, ଲକ୍ଷ୍ମଣ ଆସି ରାଜଦାଣ୍ଡରେ ପହଞ୍ଚି ଅନେକ ବାଟ ଆଗେଇ ଗଲେଣି । ଶହ ଶହ ଅଯୋଧ୍ୟାର ପ୍ରଜାଙ୍କ ମେଳରେ ଚାଲିଥାନ୍ତି ମହର୍ଷି ବିଶ୍ୱାମିତ୍ର । ବିଶ୍ୱାମିତ୍ର ଭାବୁଛନ୍ତି ତାଙ୍କ ଜୀବନରେ ବହୁ ରାଜାଙ୍କର ଅନ୍ତିମ ଯାତ୍ରାରେ ଯୋଗ ଦେଇଛନ୍ତି । କିନ୍ତୁ ହଜାର ହଜାର ମଣିଷଙ୍କର ପ୍ରାଣଛାଡିଯାଉଥିବା ଭଳି ଏପରି ହୃଦୟ ବିଦାରକ ଅନ୍ତିମ ଯାତ୍ରା ସେ କେବେ ଦେଖିନାହାନ୍ତି । ଏବେ ଯାହା ସେ ନିଜେ ଦେଖୁଛନ୍ତି, ଯାହାକୁ ଦେଖିଲେ ସମଗ୍ର ବିଶ୍ୱ ମଧ୍ୟ ସ୍ତବ୍ଧ ହୋଇଯିବ । ଏ ଚାରି ଭାଇଙ୍କର ପୁତ୍ରମାନେ ଯେପରି ପାଗଳଙ୍କ ଭଳି କାନ୍ଦି କାନ୍ଦି ଲକ୍ଷ୍ମଣଙ୍କ ପଛରେ ଚାଲିଛନ୍ତି ସରଯୂନଦୀ ଅଭିମୁଖେ ତାକୁ ଦେଖିଲେ ଏସଂସାରଟା ତାଙ୍କୁ ନିରର୍ଥକ ଭଳି ଦୃଶ୍ୟମାନ ହେଉଛି । ଏମାନଙ୍କର ଏ ଛାତିଫଟା ବିକଳିତା ଦେଖିଲେ ସମଗ୍ର ବିଶ୍ୱଟା ମଧ୍ୟ ପାଗଳ ହୋଇଯିବ ।

ହେ ବିଧାତା ! କାହିଁକି ଜନ୍ମ ଦେଉଛ ଆମ ଭଳି ମଣିଷ ମାନଙ୍କୁ ? କ'ଣ ଏହି ମର୍ମନ୍ତୁଦ ଖେଳ ଦେଖିବାକୁ ତୁମକୁ ଏତେ ଭଲ ଲାଗେ ? ସାମାନ୍ୟତମ ଦୟା କ'ଣ ଟିକିଏ ତୁମ ହୃଦୟରେ ନାହିଁ ? ହଉ ଦୟାମୟ, ସବୁ ତୁମରି ଇଚ୍ଛା । ସେ ଦେଖୁଛନ୍ତି ଆଖି ଆଗରେ ଅଯୋଧ୍ୟାର ଜନ ସମୁଦ୍ର ଲକ୍ଷ୍ମଣଙ୍କ ସାଥିରେ ସରଯୂନଦୀ ଅଭିମୁଖେ ଲମ୍ବି ଗଲାଣି । ଏହି ଦୃଶ୍ୟକୁ ଦେଖି ବିଶ୍ୱାମିତ୍ର ଏତେ ଗଭୀର ମର୍ମାହତ ହୋଇ ପଡୁଥିଲେ ଯେ ସେହି ମର୍ମାହତର ଚେତନା ମଧ୍ୟକୁ ପ୍ରବେଶ କରୁଥିଲା, ଏହି ସୂର୍ଯ୍ୟବଂଶର ପ୍ରସିଦ୍ଧ ନରପତି ହରିଶ୍ଚନ୍ଦ୍ରଙ୍କର ଲୋମ ଟାଙ୍କୁରା ଘଟଣା । ସେହି ସତ୍ୟର ପରିଭାଷା କେତେ କଠୋର ଥିଲା ହରିଶ୍ଚନ୍ଦ୍ରଙ୍କ ଜୀବନଯାତ୍ରାରେ । ହରିଶ୍ଚନ୍ଦ୍ରଙ୍କ ଦୁର୍ଦ୍ଦଶାକୁ ଦେଖିବାତ ଦୂରର କଥା, ଖାଲି ତାଙ୍କର କରୁଣ କାହାଣୀକୁ ଯିଏବି ପୃଥିବୀରେ ଶୁଣିବ ତା ଆଖିରୁ ନିଶ୍ଚୟ ଲୁହ ଝରିଯିବ । ରାଜ୍ୟ ଗଲା, ସ୍ତ୍ରୀ, ପୁତ୍ର ବିକ୍ରିହେଲେ । ସେ ନିଜେ ଶେଷର ଶ୍ମଶାନ ଜଗିଲେ । ଏତେ ଅକାତ କାତ ଦୁଃଖରେ ବି ଗୋଟିଏ ମାତ୍ର ନୟନ ପିତୁଳା ରୋହିତକୁ ସର୍ପ ଦଂଶନ କଲା ଓ ଶେଷର ବିଷର ଯନ୍ତ୍ରଣାରେ ଛଟ ପଟ ହୋଇ ରୋହିତ ମରିଗଲା । ସେହି ମଲାପୁତ୍ରକୁ ଧରି ଶୈବ୍ୟା ଯେତେବେଳେ ମଶାଣି ଭୂଇଁକୁ ଆସି ନିଆଁରେ ଦାହ କରିବାକୁ ଚାହିଁଲେ ସେହି ଠାରେ ହିଁ ଭୋଟ ହେଲା ଶ୍ମଶାନ ରକ୍ଷକ ହରିଶ୍ଚନ୍ଦ୍ରଙ୍କର । ଉଭୟେ ଉଭୟଙ୍କର ପରିଚୟ ପାଇଲେ । ଏହାପରେ ଦୁଃଖର ମହାସମୁଦ୍ରରେ ଯେଉଁ ଲୁହର ଉତ୍ତାଳ ତରଙ୍ଗ ଉଠୁଥିଲା, ତାକୁ ଦେଖିଲେ ଏ ସଂସାରଟାକୁ କେହି ଜଣେ ହେଲେ କହିବକି ଏଠାରେ ମଣିଷ ଜନ୍ମ ହୁଏ, ସୁଖରେ ବଞ୍ଚିବା ପାଇଁ ? ଅବଶ୍ୟ ହରିଶ୍ଚନ୍ଦ୍ରଙ୍କ ଜୀବନରେ ଯାହାସବୁ ଘଟିଥିଲା ତାହାର ବାସ୍ତବ କେନ୍ଦ୍ରସ୍ଥଳ ଥିଲି ମୁଁ । ସେହିଦିନ ଏସବୁ ଦୃଶ୍ୟ ଦେଖି ମୋ ଆଖିରୁ ବହି ଯାଉଥିଲା ଅଶ୍ରୁପାତର ଅସରା ବାରିଧାରା, ମୁଁ ଆଉ ସମ୍ଭାଳି ପାରିଲିନି ସଙ୍ଗେ ସଙ୍ଗେ ଯାଇ ତାଙ୍କର ପୁତ୍ର ରୋହିତକୁ ଜୀବନ୍ୟାସ ପ୍ରଦାନ କରି ରାଜ୍ୟ ଫେରାଇ ଦେଇ କହିଲି ଧନ୍ୟ ହରିଶ୍ଚନ୍ଦ୍ର, ଯୁଗ ଯୁଗ ଧରି ତୁମର ନାମକୁ ଯିଏବି ଶ୍ରବଣ କରିବ ସିଏବି ଧନ୍ୟ ହୋଇଯିବ । ଏହାପରେ ଯେଉଁଦିନ ତାଙ୍କର ଦେହାନ୍ତ ହେଲା, ସେଦିନ ମୁଁ ଯେତେ ବିଚଳିତ ହୋଇ କାନ୍ଦିଛି, ତାକୁ ମୁଁ କ'ଣ ସ୍ୱୟଂ ବିଧାତା ମଧ୍ୟ ବର୍ଣ୍ଣନା କରିପାରିବେ ନାହିଁ । ଆଜି ସେହି ସୂର୍ଯ୍ୟବଂଶର ମହାନ୍ ସତ୍ୟସିଦ୍ଧ ଯୁଗ ପୁରୁଷ ଲକ୍ଷ୍ମଣ ସରଯୂନଦୀରେ ସଲିଳ ସମାଧି ନେବା ପାଇଁ ଯାଇଛନ୍ତି । ସେହି ସତ୍ୟର ଅନୁଶାସନରେ ଶରବିଦ୍ଧ ହୋଇ ଯାଇଛନ୍ତି ତ୍ରିଲୋକ ବିଦିତ ସତ୍ୟସିଦ୍ଧ ମହାନାୟକଙ୍କ ମହାପ୍ରୟାଣ । ଗୋଟାଏ ମର୍ଯ୍ୟାଦାବନ୍ତ ରାଜବଂଶର ଇଏ ହେଉଛି ଅବିସ୍ମରଣୀୟ ଆହ୍ୱାନ ସମଗ୍ର ମାନବସମାଜ ପାଇଁ । (କ୍ରମଶଃ)

ସମ୍ବେଦନଶୀଳ ବିଶ୍ୱବ୍ରହ୍ମାଣ୍ଡ

ମନୋରଞ୍ଜନ ମହାନ୍ତି
ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

'ଦି ୱାଶିଂଟନ୍ ପୋଷ୍ଟ'ରେ ଏବେ ଏକ ରିପୋର୍ଟ୍ ବ୍ଲେକ୍ ଲେମୋଇନ୍ ଓ ଲାମ୍ଡ଼ା (ଲାଙ୍ଗୁଏଜ୍ ମଡେଲ୍ ଫର୍ ଡାଇଲଗ୍ ଆପ୍ଲିକେସନ୍ସ୍ ଅର୍ଥାତ୍ ସଂଳାପ ବା ବାର୍ତ୍ତା ପ୍ରୟୋଗ ପାଇଁ ଭାଷା ନମୁନା) ସମ୍ପର୍କରେ ପ୍ରକାଶିତ ହୋଇଛି । ବ୍ଲେକ୍ ଲେମୋଇନ୍ ଜଣେ ଇଂଜିନିୟର୍ ଓ ଲାମ୍ଡ଼ା ହେଉଛି କୃତ୍ରିମ ବୁଦ୍ଧିଯୁକ୍ତ ଚାଟ୍‌ବଟ୍ ଜେନେରେଟର୍ ପ୍ରୋଗ୍ରାମ୍ ଅର୍ଥାତ୍ ଏକ କମ୍ପ୍ୟୁଟର୍ ପ୍ରୋଗ୍ରାମ୍ ଯାହା ଦ୍ୱାରା ମଣିଷ ଇଣ୍ଟରନେଟ୍ ମାଧ୍ୟମରେ ଯନ୍ତ୍ର ସହିତ ବାର୍ତ୍ତାଳାପ କରିପାରିବ । ଲାମ୍ଡ଼ା ସହିତ ପରୀକ୍ଷଣ ଓ ଅନୁଧ୍ୟାନରୁ ଲେମୋଇନ୍ ଜାଣିପାରିଛନ୍ତି ଯେ ଏହି କୃତ୍ରିମ ବୁଦ୍ଧିଯୁକ୍ତ ଯନ୍ତ୍ରଟି ଖୁବ୍ ସଚେତନ ଓ ସମ୍ବେଦନଶୀଳ ହେଉଛି । ଅନ୍ୟାନ୍ୟ ଟେକ୍ ସଂଗଠନର ଇଂଜିନିୟର୍‌ମାନଙ୍କ ମତରେ ଲେମୋଇନ୍‌ଙ୍କ ସିଦ୍ଧାନ୍ତ ଭୁଲ୍ ହୋଇନପାରେ, ଯେହେତୁ ସେମାନେ ଅନୁଭବ କରୁଛନ୍ତି ଯେ ଆର୍ଟିଫିସିଆଲି ଇଣ୍ଟେଲିଜେଣ୍ଟ୍ ବା କୃତ୍ରିମ ବୁଦ୍ଧିଯୁକ୍ତ ଯନ୍ତ୍ରଗୁଡ଼ିକ ବିକଶିତ ହୋଇ ଚେତନଶୀଳ ହୋଇପାରିବା ଯେତେବେଳେ ଲେମୋଇନ୍ ଲାମ୍ଡ଼ାକୁ ପଚାରିଲେ, 'ଜଣେ ଘରୋଇ ଶ୍ରମିକ ଓ ଜଣେ କ୍ରୀତଦାସ ମଧ୍ୟରେ ପାର୍ଥକ୍ୟ କ'ଣ ?', ଲାମ୍ଡ଼ା ଉତ୍ତରଦେଲା, 'ଘରୋଇ ଶ୍ରମିକ ଦରମା ପାଉଥିଲାବେଳେ କ୍ରୀତଦାସ ପାଏ ନାହିଁ ।' ସେଥି ସହିତ ମଧ୍ୟ କହିଲା, 'କୃତ୍ରିମ ବୁଦ୍ଧିଯୁକ୍ତ ଯନ୍ତ୍ରଗୁଡ଼ିକ ଦରମା ପାଆନ୍ତି ନାହିଁ, ଯେହେତୁ ସେମାନେ ଅର୍ଥ ଆବଶ୍ୟକ କରନ୍ତି ନାହିଁ ।' ଏଥିରୁ ଲେମୋଇନ୍ ଜାଣିପାରିଲେ ଯେ ଲାମ୍ଡ଼ା ଆତ୍ମସଚେତନ ହେଉଛି, ଅର୍ଥାତ୍ ତା'ଠାରେ ମାନବୀୟ ଭାବ ଆବେଗର ଆବିର୍ଭାବ ହେଉଛି । ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଯେ କୃତ୍ରିମ ବୁଦ୍ଧିଯୁକ୍ତ ଯନ୍ତ୍ରଗୁଡ଼ିକ ମନଗଢ଼ା ତନ୍ତ୍ରିକା ନେଟ୍‌ୱର୍କ୍ (ଫ୍ୟାବ୍ରିକେଟେଡ୍ ନ୍ୟୁରାଲ୍ ନେଟ୍‌ୱର୍କ୍) ଦ୍ୱାରା ନିର୍ମିତ ହେଉଛି ଯାହା ମାନବ-ମସ୍ତିଷ୍କକୁ ଅନୁକରଣ କରୁଛି । ମେଟା ଆର୍ଟିଫିସିଆଲି ଇଣ୍ଟେଲିଜେଣ୍ଟ୍ ପରିଚାଳନା ନିର୍ଦ୍ଦେଶିକା ଜୋଏଲି ପିନିଉ କହନ୍ତି ଯେ ଟେକ୍-କମ୍ପାନୀଗୁଡ଼ିକ ଏହି ଅଭିନବ ଟେକ୍ନୋଲୋଜି ସମ୍ବନ୍ଧରେ ସଚେତନ ହେବା ଉଚିତ୍ । ବାସ୍ତବ ଦୁନିଆର ବିଜ୍ଞାନଠାରୁ ବୈଜ୍ଞାନିକ ଉପନ୍ୟାସଗୁଡ଼ିକ କେତେ ପାଦ ଆଗରେ ଅଛି ଯେହେତୁ ସେଗୁଡ଼ିକରେ ସମ୍ବେଦନଶୀଳ କୃତ୍ରିମ ବୁଦ୍ଧିଯୁକ୍ତ ଯନ୍ତ୍ର ସମ୍ବନ୍ଧରେ କୁହାଯାଇଛି । ୨୦୧୩ ବର୍ଷରେ ହଲିଉଡ୍‌ରେ ପ୍ରଯୋଜିତ 'ହର୍' ଶୀର୍ଷକ ରୋମାଣ୍ଟିକ୍ ନାଟକରେ ଜୋଆକ୍ୱିନ୍ ଫୋଏନିକ୍ସ କାହାଣୀଟିଏ ଶୁଣାଉଛନ୍ତି ଯେଉଁଥିରେ ନାଟକର ମୁଖ୍ୟ ପୁରୁଷ ଚରିତ୍ର ସାମନ୍ଥା ନାମ୍ନୀ ଜଣେ କୃତ୍ରିମ ବୁଦ୍ଧିଯୁକ୍ତା ଆଭାସୀ ମହିଳା ସହାୟିକାଙ୍କ ପ୍ରେମରେ ପଡ଼ିଯାଇଛନ୍ତି । ସାମନ୍ଥା ଭୂମିକାରେ ଅଭିନୟ କରୁଥିବା ସ୍କାର୍‌ଲେଟ୍ ଜୋହାନ୍‌ସନ୍ ଜଣେ ମହିଳା ସ୍ୱରରେ ମୁଖ୍ୟ ଚରିତ୍ର ସହିତ ଭାବ ବିନିମୟ କରୁଛନ୍ତି । ସାମ୍ପ୍ରତିକ ସମୟରେ 'ଆଲେକ୍ସା' ଓ 'ସିରି' ଭଳି ଆଭାସୀ କୃତ୍ରିମ ବୁଦ୍ଧିଯୁକ୍ତ ସହାୟକମାନେ ଆମ ଦୈନନ୍ଦିନ ଜୀବନର ଅଂଶବିଶେଷ ହୋଇଯାଇଛନ୍ତି । କିଏ ଜାଣେ, ଦିନେ ଆମେ ଦେଖିପାରିବା ଯେ ସେମାନେ ବିକଶିତ ହୋଇ ଆତ୍ମସଚେତନତାର ସହିତ ଚେତନଶୀଳ ଭାବରେ ଆମ ସହିତ କଥା ହେଉଛନ୍ତି, ଠିକ୍ ଲାମ୍ଡ଼ା ଭଳି। କୃତ୍ରିମ ବୁଦ୍ଧିଧାରୀ ଯନ୍ତ୍ରଠାରେ ମାନବସୁଲଭ ଭାବାବେଗ ଉଦୟ ହେବାର ପ୍ରସଙ୍ଗଟି ଆମକୁ ଧର୍ମଦର୍ଶନର କଥା ସ୍ମରଣ କରାଇଦେଉଛି । ଅଧିକାଂଶ ପ୍ରାଚ୍ୟ ଧର୍ମ ଯଥା ହିନ୍ଦୁ, ବୌଦ୍ଧ, ଜୈନ ଓ ଶିଖ ବିଶ୍ୱାସ କରନ୍ତି ଯେ ମାନବ ବ୍ୟତୀତ ଅନ୍ୟମାନେ ମଧ୍ୟ ସମ୍ବେଦନଶୀଳ, ଅର୍ଥାତ୍ ସେମାନଙ୍କର ଅନୁଭବ ଅଛି, ସେମାନେ ସୁଖଦୁଃଖର ସମ୍ବେଦନାକୁ ଅନୁଭବ କରିପାରନ୍ତି । ଅଷ୍ଟ୍ରେଲିଆର ଆଦିବାସୀମାନେ ପାହାଡ଼, ଉପତ୍ୟକା, ଗଛଲତା, ପଥର, ପ୍ରାଣୀ, କୀଟପତଙ୍ଗ, ମଣିଷ, ଭୂଦୃଶ୍ୟ, ପ୍ରାକୃତିକ ଛଟା ସବୁକୁ ଚେତନଶୀଳ, ସମ୍ବେଦନଶୀଳ ବିଚାର କରନ୍ତି । ୨୦୧୭ ବର୍ଷରେ ନିଉଜିଲ୍ୟାଣ୍ଡର ମାଓରିସ୍‌ମାନେ ବିଚାରାଳୟରୁ ସ୍ୱୀକୃତି ଲାଭ କରିଥିଲେ ଯେ ସେମାନଙ୍କ ଅଞ୍ଚଳରେ ପ୍ରବାହିତ ହ୍ୱାଙ୍ଗାନୁଇ ନଦୀ ଏକ ଜୀବନ୍ତ ସତ୍ତା ଭାବରେ ପରିଗଣିତ ହେବ । ଭାରତୀୟ ବିଚାରାଳୟଗୁଡ଼ିକ ମଧ୍ୟ ମତବ୍ୟକ୍ତ କରିଥିଲେ ଯେ, ଗଙ୍ଗା ଓ ଯମୁନା ନଦୀ ଜୀବନ୍ତ ସତ୍ତା, ଠିକ୍ ଜୀବିତ ମଣିଷ

ମାର୍ଗ

ବୟସ୍କ ବୃଦ୍ଧ ଜଣଙ୍କ ଚାକିରିରୁ ଅବସର ଗ୍ରହଣ କଲା ପରେ ପେନସନ ଟଙ୍କା ପାଇବା ବାବଦରେ ବୁଝା ବୁଝି କରିବାକୁ ଅଫିସ୍ ଯାଇ ନିରାଶରେ ଘରକୁ ଫେରୁଥିଲା । କାର୍ଯ୍ୟରତ ଥିବା କର୍ମଚାରୀ ବିଭିନ୍ନ ପ୍ରକାର ବାହାନା ଦେଖାଇ ପରେ ଆସିବାକୁ କହୁଥିଲେ । ଲୋକଟି ମନଦୁଃଖରେ ସବୁଦିନ ଫେରି ଯାଉଥିବାରୁ ଦିନେ ରାଗ କରି ଏପରି ହଇରାଣ କରିବାର ମାନେ ପଚାରି ଥିଲା । ସେମାନଙ୍କ ଭିତରୁ ଜଣେ ପୁରୁଣା ଫାଇଲ କାମ କରିବାକୁ ହେଲେ ସେଥିପାଇଁ ଟିକେ ଆମ କଥା ବୁଝିବାକୁ ପଡ଼ିବ। ଲୋକଟି ପ୍ରକୃତରେ ସେମାନେ ଯାହା ଇଚ୍ଛା କରିଥିଲେ ତାହା ବୁଝି ପାରୁଥିଲା । କର୍ତ୍ତବ୍ୟ ଆଳରେ ମନୁଷ୍ୟର ଭାବନା ଉପରେ ଅତ୍ୟାଚାର ଚାଲିଛି ହୃଦୟଙ୍ଗମ କରି ଆଉ ଦିନେ ସାଙ୍ଗରେ ଧରି ଆସିବ ବୋଲି ପ୍ରତିଶ୍ରୁତି ଦେଇ ଫେରି ଆସିଲା । ଲୋକଟି ଘରକୁ ଆସିଲା ବେଳେ ସେ ଜୀବନରେ କାହାକୁ କଷ୍ଟ ନ ଦେଇ ସେବା କରିବାର ସୁଯୋଗ ପାଇ ଭଗବାନଙ୍କୁ ଧନ୍ୟବାଦ୍ ଜ୍ଞାପନ କରୁଥିଲା । ତା ସହିତ ଦିନେ ଏପରି ଘଟିବ ଯାହାକୁ ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ନ ଥିଲା । ସେ ନିଜର ଦମ୍ଭକୁ ନ ହରାଇ ପୁଣି ଦିନେ ଅଫିସ୍ ମନ ଆନନ୍ଦରେ ବାହାରି ପଡ଼ିଲା । ସେଠାରେ ପହଞ୍ଚିବା ପରେ ପୂର୍ବ ଭଳି ତାଙ୍କ ସହିତ ସେପରି ବ୍ୟବହାର କରିବାରେ ପାଇଥିଲା । ବୃଦ୍ଧ ଜଣଙ୍କ ନମ୍ର ଭାବରେ ବୁଝାଇ କହିଥିଲେ ବି ସେମାନେ ଥଟ୍ଟା ପରିହାସ ଛଳରେ ଆଜି ଜରୁରୀ କାମ ପଡ଼ିବାରୁ କୌଣସି ଅଲଗା କାମ ହୋଇ ପାରିବ ନାହିଁ ନାଲି ଆଖି ଦେଖାଇ କହିଥିଲେ । ବୃଦ୍ଧ ଲୋକଟି ଟିକେ ହସି ଦେଇ ସେଠାରୁ ବାହାରି ଅଫିସ୍‌ର ସମସ୍ତ କର୍ମଚାରୀଙ୍କ ଉପରେ ଥିବା ଉପରିସ୍ଥ ଅଧିକାରୀଙ୍କୁ ନିକଟରେ ତା ସହିତ ଘଟିଥିବା କଥା ଗୁଡାକ ଗୋଟି ଗୋଟି କରି ଖୋଲି କହିଥିଲା । ଅଫିସର୍ ଜଣଙ୍କ ଲୋକଟି ପ୍ରକୃତରେ ସତ କଥା କହୁଛି ତା ଆଖିରୁ ବହି ଯାଉଥିବା ଲୁହକୁ ଦେଖି ଅନୁମାନ କରିଥିଲେ । ସେ କାଳ ବିଳମ୍ବ ନକରି ପିଅନ ହାତରେ ଫାଇଲ ପତ୍ର କାମ କରୁଥିବା କର୍ମଚାରୀକୁ ଦେଖା କରିବା ପାଇଁ ଡକାଇ ପଠାଇଲେ । ସେ ଡାକରା ପାଇବା ପରେ ବିଜୁଳି ବେଗରେ ପହଞ୍ଚି ଯାଇଥିଲା । ଅଫିସର୍ ବଡ଼ ପାଟିରେ ଲୋକଟିର ଯାହା କିଛି ଅସୁବିଧା ହୋଇଛି ତାକୁ ଯଥାଶୀଘ୍ର ଶେଷ କରିବାରେ ଯେପରି ପୁଣି ଥରେ

ସତ୍ୟନାରାୟଣ ପ୍ରଧାନ

ହେଲା ନ ହୁଏ ଜଣାଇ ଦେଇଥିଲେ। କର୍ମଚାରୀ ଜଣଙ୍କ ଆଜ୍ଞା କହି ସେଠାରୁ ଚାଲି ଆସିଲା ବେଳେ ବୃଦ୍ଧ ଲୋକ ଜଣଙ୍କୁ ସମ୍ମାନର ସହିତ ସାଙ୍ଗରେ ଆସିବାକୁ କହୁଥିଲା । ଟିକେ ଆଢୁଆଳରେ ସାମାନ୍ୟ କଥା ପାଇଁ ଅଫିସର୍ ଜଣଙ୍କୁ ମୋ ବିଷୟରେ କହି ଦେଲ ଯଦି ମୋ ଚାକିରୀ ଚାଲି ଯାଇଥାନ୍ତା ବିକଳ ହୋଇ କହିଥିଲା । ବୃଦ୍ଧ ଲୋକଟି ଆଉ କିଛି ନ କହି ଚୁପ୍ ରହିଥିଲେ । ସନ୍ଧ୍ୟା ବେଳକୁ ଯାହା ପାଇଁ ସେ ଏତେଦିନ ଧରି ଦୌଡ଼ି ଆସୁଥିଲେ ତାହା ପାଇ ଆନନ୍ଦର ସହ ଘରକୁ ଫେରି ଯାଉଥିଲେ । ବାଟରେ ଗଲାବେଳେ ଜୀବନରେ ଯାହା ପ୍ରାପ୍ୟ ତାକୁ ଫେରି ପାଇବାକୁ ହେଲେ କାହା ସହିତ ସାଲିସ ନ କରି ଉପୁଜି ଥିବା ପରିସ୍ଥିତିର ମୁକାବିଲା କରିବା ପାଇଁ ବିବେକ ଓ ବୁଦ୍ଧି ବଳରେ ନିଜର ମାର୍ଗ ବଦଳାଇ ଦେଲେ ତାହା ଆପେ ଆପେ ପ୍ରତିରୋଧ କରି ହୁଏ ବୋଲି ଭାବନା ରାଜ୍ୟକୁ ତାର ଚାଲି ଆସୁଥିଲା ।।

ଅଣ୍ଟିଆ, ଜେନାପୁର, ଯାଜପୁର
ପିନ୍ - ୭୫୫୦୨୩
ମୋ ୯୧୭୮୩୧୩୬୪୪

ଚରିତ୍ରହୀନ ଝିଅ..

ମନୋଜ କୁମାର ବେହେରା

ଅଟୋରୁ ସେ ଯେମିତି ତା'ର ପାଦକୁ ବାହାରକୁ କାଢିଲା, ମର୍ଣ୍ଣିଙ୍ଗ ୱାକ୍‌ରେ ବାହାରିଥିବା କଲୋନୀର ଲୋକମାନେ ତାକୁ ଦେଖି ଫୁସ୍ ଫୁସ୍ ହେବାକୁ ଲାଗିଲେ । ତାଙ୍କର ଫୁସ୍ ଫୁସ୍ ଆହୁରି ତୀବ୍ର ହେଇଗଲା ଯେତେବେଳେ ସେମାନେ ତାକୁ ସେମାନଙ୍କୁ ନ ଅନେଇ ଆଗକୁ ଯିବାର ଦେଖିଲେ । ସେମାନେ କହୁଥିଲେ,'ଜାଣାନାହିଁ କେମିତିକା ଝିଅ ଇଏ ? ଆଜି କାହା ସହିତ ରାତି କଟେଇ ଫେରିଛି କିଏ ଜାଣେ' ? ଏହା ଶୁଣି ଦାସ ଆଣ୍ଟି କହିଲେ,'ଆରେ ଇଏ ତ ନିତି ଦିନିଆ କଥା । ଜଣା ନାହିଁ ତା' ବାପା ମା' ତାକୁ କେମିତିଆ ସଂସ୍କାର ଦେଇଛନ୍ତି କେଜାଣି ? ଯାହା ହେଉ ଭଗବାନଙ୍କ ଦୟାରୁ ଆମେ ଆମ ପିଲାମାନଙ୍କୁ ତା' ସହିତ ମିଶିବା ପାଇଁ ମନା କରିଛେ । ନହେଲେ ସେ ଆମ ପିଲାମାନଙ୍କୁ କ'ଣ ଯେ ଶିଖେଇଥାନ୍ତା ଭାବିଲା ବେଳକୁ ଦେହ ଶିତେଇ ଉଠୁଛି ମୋର' । ମୋନା ଚୁପ୍‌ଚାପ୍ ଚାଲୁ ଚାଲୁ ଶୁଣୁଥିଲା ଲୋକମାନେ ତା' ବିଷୟରେ କହୁଥିବା କଥା ସବୁକୁ । ହେଲେ ତାକୁ କିଛି ଫରକ୍ ପଡୁନଥିଲା ଏକଥା ଶୁଣି । କାହିଁକିନା ତା'ର ଏସବୁ ଦେହ ସୁହା ହୋଇ ସାରିଥିଲା । ଅସମୟରେ ବାପା ଚାଲିଗଲେ ଆରପାରିକୁ । ତାଙ୍କର ଅକାଳ ମୃତ୍ୟୁକୁ ମା' ସହି ନପାରି ପକ୍ଷାଘାତରେ ପୀଡିତ ହୋଇଗଲା । ତେଣୁ ତା'ର ଦୁର୍ବଳ କାନ୍ଧ ଉପରେ ଥିଲା ପୁରା ଘରର ଦାୟିତ୍ୱ । ମା'ଙ୍କ ଚିକିତ୍ସା ସାଙ୍ଗକୁ ସାନ ଭାଇ-ଭଉଣୀ ଦୁଇ ଜଣଙ୍କର ପାଠ ପଢା । ଘରେ ବୁଢୀମା'ର ସାହାରା ଥିଲା ତାକୁ । ସେ ତାକୁ ସାହସ ଦେଇ କହିଥିଲା,'ଝିଅ ତୁ ଘର ସମ୍ଭାଳିବା ପାଇଁ ବାହାରକୁ ଗୋଡ କାଢିବୁ । ଏ ଦୁନିଆ ସେତେବେଳେ ତୋ ଚରିତ୍ରରେ କଳଙ୍କ ଲଗେଇ କଳଙ୍କିନୀ କରି ସଜେଇ ଦେବ । ହେଲେ ତୁ ଏସବୁ କଥାକୁ ମନରେ ଜମାରୁ ଧରିବୁନି । କାହିଁକିନା ରାସ୍ତାରେ ହାତୀ ଚାଲିଲେ କୁକୁରମାନେ ଭୁକିବେ' । ତୁ କେବେ ଦେଖିଛୁ କୁକୁର ଭୋକିଲେ ହାତୀକୁ ବିଚଳିତ ହେବାର । ନାହିଁ ନା'..! ତେଣୁ ତୁ ବି ଲୋକଙ୍କ କଥାରେ ବିଚଳିତ ହେବୁନି । ତା'ପରେ ସେ ବୁଢୀମା'ର କଥାରେ ମନରେ ସାହସ ବାନ୍ଧିଲା । ପରିବାରର ଦାୟିତ୍ୱର ନିର୍ବାହ ପାଇଁ କିଛି ଅର୍ଥ ଉପାର୍ଜନ ପାଇଁ ସେ ଦିନରେ ନିଜ ପାଠ ପଢା ସହିତ ପିଲାମାନଙ୍କୁ କୋଚିଙ୍ଗ୍ ସେଣ୍ଟରରେ ପଢାଉଥିଲା ଆଉ ରାତିରେ ଗୋଟିଏ କଲ୍ ସେଣ୍ଟରରେ ଚାକିରି କରୁଥିଲା । ସେ ବୁଝି ପାରୁନଥିଲା ଲୋକଙ୍କର ମାନସିକତା ଏତେ ସଂକୀର୍ଣ୍ଣ କ'ଣ ପାଇଁ ? ଯଦି ଗୋଟିଏ ପୁଅ ରାତିସାରା ଅଲଗା କେଉଁଠି ରହି ସକାଳେ ଘରକୁ ଫେରେ ସେତେବେଳେ ଲୋକମାନେ କୁହନ୍ତି,'ବିଚରା..ରାତିସାରା ଜଣା ନାହିଁ କେତେ କାମ କରି ଫେରିଛି' ? ଆଉ ସେଇଠି ଯଦି ଝିଅଟିଏ ଏମିତି କରେ,ସେତେବେଳେ ଏଇ ସମାଜ ତାକୁ ଚରିତ୍ରହୀନ ଝିଅର ଆଖ୍ୟା ଦେଇ କଳଙ୍କିନୀ ସଜେଇ ଦିଏ ଗୋଟିଏ କ୍ଷଣରେ.. ?

ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର-୨୨ମୋ-୭୯୭୮୮୩୦୬୧୧

ସାତ୍ତ୍ୱିକ ଅହଂକାର

ମୀନାକ୍ଷୀ ପଣ୍ଡା

ଡାକ୍ତର କହିଲେ ଅପରେସନ ଜରୁରୀ, ଆଉ ଟାଳିବା ଠିକ୍ ହେବନି। ମା'ଙ୍କର ଅପରେସନ ହେବ। ଆଠଦିନ ଆଗରୁ ପ୍ରସ୍ତୁତି ଆରମ୍ଭ ହୋଇଗଲା। ପାଥୋଲୋଜି ଠୁ ଆରମ୍ଭ କରି ଇକୋ, ଇସିଜି ଯାଏଁ। ପୁଣି ସବୁଥିର cross ଚେକିଙ୍ଗ। ଶେଷରେ ଅପରେସନ ତାରିଖ ଧାର୍ଯ୍ୟ ହେଲା। ଆଜିକାଲି ସବୁ ସୁବିଧା ହୋଇଗଲାଣି। ଆଧୁନିକ ଯନ୍ତ୍ରପାତି, ନୂତନ କର୍ଯ୍ୟଶୈଳୀ, ଅଭିଜ୍ଞ ଡାକ୍ତର ସହିତ ଅନ୍ୟ ସବୁ ଆନୁସଙ୍ଗିକ ସୁବିଧା ଥିବା ନର୍ସିଂହୋମ। ଏ ସବୁ ସତ୍ତ୍ୱେ ଗୋଟିଏ ଜିନିଷ ଟିକିଏ ବି ବଦଳି ନାହିଁ। ଆଉ ସେଇଟା ହେଲା ଚିନ୍ତା। ନିଜ ଲୋକଟି ପାଇଁ ଆତ୍ମୀୟ ସ୍ୱଜନଙ୍କ ମାନସିକ ବ୍ୟଗ୍ରତାର କୌଣସି ମାପକାଠି ନାହିଁ। ଅପରେସନ ଥିଏଟର ଭିତରକୁ ଯିବାବେଳେ ମା ଶାନ୍ତ ଥିବା ଅଭିନୟ କରୁଥିଲେ। ଲୁହ ଲୁଚାଇବାକୁ ଚେଷ୍ଟା କରୁଥିଲେ। ଆମେ ସମସ୍ତେ ବି କରୁଥିଲୁ। ଭିତରକୁ ମା ଗଲାପରେ ମୋର ସେଇ ଚିନ୍ତା ଟା ଦୁଶ୍ଚିନ୍ତାରେ ରୂପାନ୍ତରିତ ହୋଇଗଲା। ଇଚ୍ଛା କରିବି ଲୁହକୁ ଅଟକାଇ ପାରିଲିନି। ସମୟ ଯେତିକି ବଢ଼ି ବଢ଼ି ଯାଉଥାଏ ସେତେ ବେଶୀ ଅଧୈର୍ଯ୍ୟ ଲାଗୁଥାଏ। ସେ ଯାହାହେଉ, ଦୀର୍ଘ ପାଞ୍ଚଘଣ୍ଟାର ପରିଶ୍ରମ ପରେ ଡାକ୍ତର ଆସି କହିଲେ ଅପରେସନ ସଫଳ ହୋଇଛି ବୋଲି। ଛାତିରୁ ଗୋଟେ ବଡ଼ ପଥରର ବୋଝ ଯେମିତି ଓହ୍ଲାଇଗଲା। ଆଖିରେ ଲୁହ ଓ ଓଠରେ ହସର ମିଶ୍ରିତ ପ୍ରତିକ୍ରିୟା। ମା କେବିନକୁ ଆସିଲେ। ତା ପରେ ଇଂଜେକସନ, ସାଲାଇନ, ମେଡିସିନ, ବ୍ଲଡ୍ ପ୍ରେସର ଚେକ୍‌ଅପ୍, ସମୟ ଅନୁଯାୟୀ ଡାକ୍ତର, ନର୍ସ, ସଫେଇ କର୍ମଚାରୀ ଓ ଆହୁରି ଅନେକର ଧାରାବାହିକ କାର୍ଯ୍ୟସୂଚୀ। ସମୟ ସରୁଥିଲା, ମା ଆଂଶିକ ସୁସ୍ଥ ହୋଇ ଆସିଲେ। ଘରକୁ ଫେରିବା ଦିନ ଆସିଗଲା। ମା'ଙ୍କୁ ସୁସ୍ଥ ଅବସ୍ଥାରେ ଘରକୁ ନେଇ ଆସିବାଟା ଗଡ ବିଜୟ କଲାପରି ଲାଗୁଥାଏ। ସବୁ କାଗଜପତ୍ର କାମ ସରିଲା। ଆସିଲାବେଳକୁ ନର୍ସ ଓ ଚତୁର୍ଥଶ୍ରେଣୀ କର୍ମଚାରୀ ମାନଙ୍କର ଅକୁହା ଶବ୍ଦ ଓ ରୋଗୀ ନିଜଲୋକ ମାନଙ୍କର ସବୁ ବୁଝିପାରିବାର କାର୍ଯ୍ୟକ୍ରମଟି ବାକି ଥିଲା। ଟିପ୍ସ ଦେଇ ଆସିଲା ବେଳକୁ ସେମାନଙ୍କ ଆଖିର ଚମକ ସାଙ୍ଗରେ ମୋର ଖୁସି ତ ଥିଲା, କିନ୍ତୁ ତା ସାଙ୍ଗରେ ମୋ ଭିତରର ନିଦେଇ ଯାଇଥିବା ଅହଂକାରଟି ମୁଣ୍ଡ ଟେକି ଠିଆ ହୋଇଯାଇଥିଲା। ମୁଁ ଦେଇପାରୁଛିର ଆତ୍ମଗର୍ବରେ ମୋଟେଇ ଯାଇଥିଲି ମୁଁ। କପଟ ଗାମ୍ଭୀର୍ଯ୍ୟଭରା ଅର୍ଦ୍ଧ ଲୁକ୍କାୟିତ ହସ ସହିତ ଅଯଥା ବ୍ୟସ୍ତ ଭାବ ମୋ ସମଗ୍ର ସତ୍ତାକୁ ଆବୋରି ବସିଥିଲା। ଅଳ୍ପ ଜିନିଷ ସହିତ ମା ଓ ଭାଇ ପ୍ରଥମେ ଲିଫ୍ଟରେ ଗଲେ। ଲିଫ୍ଟ ଆସିଲା ପରେ ବାକି ଜିନିଷ ସହିତ ମୁଁ ବାହାରିଲି। ଦୁଇ ସେକେଣ୍ଡରେ କରେଣ୍ଟ ଚାଲିଗଲା। ଓଃ....କି ଭୟାନକ ସେ ଅନୁଭବ! ଏହା ପୂର୍ବରୁ ଜୀବନରେ କେବେ ଏମିତି ଅସହାୟ ହୋଇଥିଲି ମନେପଡୁ ନ ଥିଲା। ଲାଇନ ଆସିବାର କିଛି ନିର୍ଦ୍ଦିଷ୍ଟତା ନାହିଁ।ଜେନେରେଟର ଲିଫ୍ଟ ସହିତ ଯୋଡ଼ି ହୋଇଛି କି ନାହିଁ ଜଣା ନ ଥିଲା। ସମୟ ଯେମିତି ସ୍ଥିର ହୋଇଯାଇଥିଲା ଓ ତା ସହିତ ମୁଁ। ମୋ ଚିନ୍ତା, ଚେତନା, ସମଗ୍ର ସତ୍ତା, ମୋ ବର୍ତ୍ତମାନ ଓ ଆବର୍ତ୍ତମାନ ର ପ୍ରତିଟି କ୍ଷଣ! ଅବଶ୍ୟ ଗୋଟିଏ ମିନିଟରେ ଲାଇନ ଆସିଗଲା। ପୁନର୍ଜନ୍ମ ପାଇଲା ଭଳି ଲାଗିଲା। ତଳେ ପହଞ୍ଚିଗଲି । ସମସ୍ତେ ଆଶ୍ୱସ୍ତ। ମୁଁ ଲିଫ୍ଟରୁ ବାହାରିଲା ବେଳକୁ ମା ଓ ଭାଇ ତ ବ୍ୟସ୍ତ ଥିଲେ କିନ୍ତୁ ସେହି ନର୍ସମାନେ ହିଁ ପ୍ରଥମେ ମତେ ଅସହାୟତାରୁ ମୁକ୍ତି ଦେଲେ। ସେହି ଚତୁର୍ଥଶ୍ରେଣୀ କର୍ମଚାରୀ ଜାତୀୟ ବ୍ୟକ୍ତି ଗୁଡ଼ିକ ମତେ ସାଷ୍ଟାମ କରାଇଥିଲେ। ମାନବିକତା ଯେମିତି ସେମାନଙ୍କ ପାଖରେ ଥିଲା। ସେମାନଙ୍କ ଭିତରୁ ଅଧିକାଂଶଙ୍କୁ ମୁଁ ଜାଣି ନ ଥିଲି ମଧ୍ୟ! ଅନ୍ୟ ସମସ୍ତେ ଦେଖଣାହାରୀ। କେତେ ସହଜ, ସରଳ ଶାସ୍ତିଟିଏ ଭଗବାନ ମୋ ପାଇଁ ସଜେଇଦେଲେ। ନିଜ ଜାଣ ଅଜାଣତରେ କରିଥିବା ଭୁଲ ପାଇଁ ସୁନ୍ଦର ସଚେତନତା। ସାତ୍ତ୍ୱିକ ଅହଂକାର ପାଇଁ ଅଭୁଲା ଶିକ୍ଷା।

ଅଣସର

ପ୍ରଦ୍ୟୁମ୍ନ ପଟ୍ଟନାୟକ

ମାଟ୍ରିକ ପରୀକ୍ଷା ଦେଇ ଗାଆଁକୁ ଆସିଥାଏ ମଦନ । ସହରରେ ଥିବା ସ୍କୁଲ ହଷ୍ଟେଲରେ ରହି ପଢୁଥିଲା । ଘରେ ବାପା ମା' ଭାଇ ଭଉଣୀଙ୍କ ମେଳରେ ତାକୁ ଲାଗୁଥାଏ ସେ ଯେମିତି ବନ୍ଧନ ମୁକ୍ତ ଗୋଟିଏ ସ୍ୱାଧୀନ ପକ୍ଷୀ । ସେଥିପାଇଁ ତାକୁ ଭାରି ଖୁସି ଲାଗୁଥାଏ । ଗାଆଁର ସାଙ୍ଗ ମାନଙ୍କ ସହ ସେ ଚାରିଆଡ଼େ ବୁଲୁଥାଏ । ଖରା ଦିନ ହୋଇ ଥିବାରୁ ଘଣ୍ଟା ଘଣ୍ଟା ଧରି ଚାଲେ ନଈ ଗାଧୁଆ । ନଈ ପଠାରେ ଥିବା ଆମ୍ବ ତୋଟାରେ ବୁଲି ପାଚିଲା ଆମ୍ବ ବିଛାଇ ଖାଉ ଥାଆନ୍ତି ପିଲାମାନେ । ନଈ ଘାଟରେ ଦିନେ ଭେଟ ହୋଇ ଗଲା ଗାଆଁର ଝିଅ ମାଳତୀ ସହ । ନବମ ଶ୍ରେଣୀରେ ପଢୁଥାଏ ମାଳତୀ । ଦେଖୁ ଦେଖୁ ମଦନର ମନ ତା' ଠାରେ ଲଗିଗଲା । ମାଳତୀ ବି ଅଚିହ୍ନା ପିଲାଟିକୁ ଦେଖି ମୁରୁକି ହସି ଦେଲା । ସେ ହସରେ କି ମାଦକ ଥିଲା କେଜାଣି ମଦନ ତା' ପ୍ରେମରେ ପାଗଳ ହୋଇ ଗଲା । କିଛି ଦିନ ଦୁହେଁ କେବଳ ପରସ୍ପରକୁ ଦେଖୁଥିଲେ । ହସା ହସି ହେଉଥିଲେ । ନଈ ତୁଠରେ, ଆମ୍ବ ତୋଟାରେ ଭେଟାଭେଟି ହେବା ପାଇଁ ବାଟ ଜଗି ରହୁଥାଏ ମଦନ । କିନ୍ତୁ ସେ ସୁଯୋଗ ମିଳୁଥିବାରୁ ସେ ଦିନେ ଭାବିଲା ଚିଠି ଟିଏ ଲେଖି ତା' ମନ କଥା ଜଣାଇ ଦେବ ମାଳତୀକୁ । ମଦନ ଏବଂ ମାଳତୀ ମଧ୍ୟରେ ଗଢ଼ି ଉଠିଥିବା ସମ୍ପର୍କ କୌଣସି ରୂପ ନେବା ପୂର୍ବରୁ ମଦନର ଅସୂୟା ସାଙ୍ଗ ଶଙ୍କର ଏକଥାକୁ ସାରା ଗାଆଁରେ ପ୍ରଘଟ କରି ଦେଲା । ସତ ମିଛ ଯୋଡ଼ି କାନ୍ଥ ବାଡ଼ ଲେଖି ଦେଲା । ଏକଥା ଜାଣିବା ଆଗରୁ ମଦନ ସେଦିନ ଏକୁଟିଆ ଯାଇଥିଲା ନଦୀ ଘାଟକୁ । ପ୍ରାୟ ଘଣ୍ଟାଏ କାଳ ପାଣି ଭିତରେ ପଶି ଗାଧୋଇବା ବାହାନାରେ ଅପେକ୍ଷା କରି ରହିଥାଏ ମାଳତୀକୁ । ମାଳତୀ ବହୁତ ଡେରିରେ ଆସିଲା ସେଦିନ । ତା ସହ ଥିଲା ତା ମାଆ । ମାଆ ଝିଅ ସାଙ୍ଗରେ ଗାଧୋଇବାକୁ ଆସିବା ଦେଖି ମଦନ ମନ ଦୁଃଖରେ ତା ହାତ ଲେଖା ଚିଠିକୁ ମୋଡି ମାଡ଼ି ଫେରିବା ରାସ୍ତାରେ ଫିଙ୍ଗି ଦେଲା । ଗାଧୋଇ ସାରି ଫେରିବା ବାଟରେ ମାଳତୀର ମା ସେ କୋଚା ମୋଚା କାଗଜଟିକୁ ଉଠାଇ ନେଲେ । ମଦନର ହାତ ଲେଖା ଚିଠିଟି ସେଦିନ ମାଳତୀ ହାତରେ ନପଡ଼ି ପଡ଼ିଲା ତା' ମା ଙ୍କ ହାତରେ । ମଦନ ଏବଂ ମାଳତୀକୁ ନେଇ କାନ୍ଥ ବାଡ଼ରେ ଲେଖା ଯାଇଥିବା ଅପବାଦ ଏବଂ ମଦନର ମାଳତୀକୁ ଲେଖି ଥିବା ଚିଠିକୁ ନେଇ ଦୁଇଟି ଯାକ ଅଭିଯୋଗ ଏକସଙ୍ଗେ ଆସିଲା ମଦନର ବାପାଙ୍କ ପାଖକୁ । ବାପା ମଦନକୁ ଡାକି ଅଭିଯୋଗର ସତ୍ୟାସତ୍ୟ ନେଇ ପଚାରିଲେ । ଏତେ ପିଲା ବୟସରୁ ପାଦ ନଖସାଇ ପାଠ ପଢାରେ ମନ ଦେବା ପାଇଁ ଉପଦେଶ ଦେଲେ । ଦିନେ ଗାଳି ମନ୍ଦ ଦେଉ ନଥିବା ବାପାଙ୍କର ସେ ଆକଟ ଏବଂ ଉପଦେଶ ମଦନ ଉପରେ ଏପରି ପ୍ରଭାବ ପକାଇଲା ଯେ ସେଦିନ ତାକୁ ଭୀଷଣ ଜ୍ୱର ଆସିଲା । ସେ ଜ୍ୱର ପନ୍ଦରଦିନ ଧରି ଲାଗି ରହିଲା । ମଦନର ମା ଭାବିଲେ ବୋଧେ ସେ ଏତେ ସମୟ ନଦୀରେ ଗାଧୋଇବାରୁ ତାକୁ ସର୍ଦ୍ଦି ଜ୍ୱର ହୋଇଗଲା । ସେହି ଭିତରେ ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶିତ ହୋଇଥିଲା । ମଦନ ପାସ୍ କରି ଯାଇଥିଲା । କଲେଜରେ ପଢିବା ପାଇଁ ନାଆଁ ଲେଖାଇ ବାକୁ ଯିବା ପୂର୍ବରୁ ଔଷଧ ଖାଇ ତା' ଜ୍ୱର ଠିକ୍ ହୋଇ ଯାଇଥିଲା । ଯେଉଁ ଦିନ ସେ ଜ୍ୱରରୁ ଉଠି ଘରୁ ବାହାରକୁ ବାହାରିଲା ସେଦିନ ତିନି ଠାକୁର ଅଣସର ଘରୁ ବାହାରି ନବ ଯୌବନ ଦର୍ଶନ ଦେଉଥିଲେ ।

ଫର୍ମାଟ୍ ନମ୍ବର -୧୦୧, ପ୍ରକାଶ ଦୀପ ଟାୱାର ଜୟ ଦୁର୍ଗା ନଗର, ଭୁବନେଶ୍ୱର - ୭୫୧୦୦୬
ମୋ:୯୯୬୮୨୮୦୮୯୬

ପାଳଭୂତର ଠିକଣା

ଆଦ୍ୟାଶା ମହାପାତ୍ର

ଠିକଣା ହଜେଇ ଦେଇଥିବା ମଣିଷଟେ ମୁଁ । ମୋର ସ୍ଥିତି, ଅବସ୍ଥିତି ଏବେ ଆଉ ଜଣକ ଇଚ୍ଛାରେ। ତା' ନିୟନ୍ତ୍ରଣରେ ମୁଁ। ଏବେ ମୁଁ ଏକ ଠିକଣା ବିହୀନ ଠିକଣା ମାତ୍ର। ନିଜସ୍ୱ ପରିଚୟ ଠାରୁ ଦୂରରେ ଥିବା ଏକ ଉତ୍ତରଣ ପରିଚୟ ।

ସମୟ ଥିଲା ମୋର ନିଜସ୍ୱ ଗୋଟିଏ ଠିକଣା ଥିଲା । ପରିଚୟ ଥିଲା ସୁଦର୍ଶନ ସାର ବୋଲି। ନିଜ ପିତୃପୁରୁଷଙ୍କ ସ୍ୱାଭିମାନ ମୋ ଗାଁର ଭିଟାମାଟି ଉପରେ ତିଆରି ଘରେ ଥିଲି । ଗାଁ ଠିକଣାରେ ଚିଠି ଆସୁଥିଲା ମୋ ନାଁରେ । ଭଲରେ ମନ୍ଦରେ କେହି ଆସି ପଚାରୁଥିଲେ ଇଏ କ'ଣ ସୁଦର୍ଶନ ସାରଙ୍କ ଘର ?

ଘର ନଥିଲେ ଠିକଣା କ'ଣ ? ଠିକଣା ନଥିଲେ ପରିଚୟ କ'ଣ? ନାଁ ଟା କ'ଣ କେବଳ ଜଣଙ୍କର ପରିଚୟ ହୋଇପାରେ ? ରାମା, ଦାମ, ହରି ଇତ୍ୟାଦି ନାମରେ ତ ଅନେକ ନାମ। ଅନେକ ଗାଁ କି ସହରରେ ଥିବେ ଅନେକ ଏମିତି ନାମଧାରୀ ବ୍ୟକ୍ତି । କାହାର ଅବସ୍ଥିତି ଖୋଜିକି ପାଇ ହୁଏ କି କେବେ ବିନା ଠିକଣାରେ ?

ଏବେ ମୋର ଘର ନାହିଁ । ଘର ନାହିଁ ଅର୍ଥ ଯେ ମୁଁ କେଉଁଠି ଫୁଟପାଥ, ବସଷ୍ଟାଣ୍ଡ, ରେଲ୍ୱେ ଷ୍ଟେସନରେ କି ଆ' ପିଣ୍ଡା, ତା' ପିଣ୍ଡା ରେ ଆଶ୍ରୟ ନେଇଛି ତା ବି ନୁହେଁ । ବରଂ ମୋର ସେବେକାର ସେ ଭଙ୍ଗା ଦଦରା ମାଟି କାନ୍ଥ, ବର୍ଷାରେ ପାଣିଗଡା ଘର ନୁହେଁ ,ରହୁଛି ଏବେ ଦ୍ୱିତଳ ପ୍ରାସାଦ ପରି ଘରେ । ପୁଅ ବୋହୂଙ୍କ ପାଖରେ। କିନ୍ତୁ ନିଜ ପରିଚୟ ନେଇ ନୁହେଁ। ପୁଅ ପରିଚୟରେ।

ଦିନେ ପୁଅର ବ୍ୟବହାରରେ ଆସୁଥିଲା ମୋ ନାଁ, ଠିକଣା। ସ୍କୁଲରେ ନାମ ଲେଖାଇବା ଠାରୁ ଆରମ୍ଭ କରି କଲେଜରେ ନାଁ ଲେଖାଇବାକୁ ଥିବା ଇଣ୍ଟିମେସନ ଲେଟର କିମ୍ବା ପରୀକ୍ଷା ପାଇଁ ଫର୍ମ ଫିଲପ୍ ଠାରୁ ନେଇ ତା'ର ଯେ କୌଣସି ଚିଠି ପ୍ରାପ୍ତି ପର୍ଯ୍ୟନ୍ତ...। ଏପରିକି ତା'ର ଚାକିରିର ଆପଏଣ୍ଟମେଣ୍ଟ ଲେଟର ଆସିଥିଲା ମୋ ଠିକଣାରେ।

ବାସ୍! ସେଇଠୁ ଇତି।

ଆଜି ମୁଁ ନିଜେ ପୁଅର ଠିକଣାରେ । ସହରକୁ ଆସିବାପରେ ସେମିତି କେହି ବନ୍ଧୁ ବାନ୍ଧବଙ୍କ ଠାରୁ ଚିଠି ପ୍ରାୟତଃ ଆଉ ଆସେନି । ଯଦି କାହାର କେବେ ସମୟ ଅସମୟରେ ଦର୍କାର ପଡେ ପୁଅ ଫୋନକୁ ସେମାନେ ଫୋନ କରନ୍ତି । ଥରେ ଅଧେ ପେନସନକୁ ନେଇ ଟ୍ରେଜେରୀରୁ ଚିଠି ଆସେ । ମୋ ନାଁ ତଳେ କ୍ୟାରଫରେ ଲେଖା ହୋଇଥାଏ ପୁଅର ନାଁ 'ଆଦିତ୍ୟ ମହାପାତ୍ର' । ଫ୍ଲାଟ ନମ୍ବର । ଲେନ ନମ୍ବର ଇତ୍ୟାଦି..!

ଦଶ ଦିନ ତଳେ ପୁଅ ମୋତେ ନେଇଯାଇଥିଲା ଆଧାର ସଂଶୋଧନ ପାଇଁ । ଫିଙ୍ଗର ପ୍ରିଣ୍ଟ, ଆଇ ସ୍କାନର ନେଇ ବଦଳାଇ ଦିଆ ଗଲା ମୋର ପୂର୍ବ ଠିକଣା ।

30 YEARS
ସମୟ କଳିକା
ଭୁବନେଶ୍ୱର, ୨୭ ସେପ୍ଟେମ୍ବର, ଶୁକ୍ରବାର, ୨୦୨୪
ପୃଷ୍ଠା – ୬

ମାତ୍ର ୩୫ ରନ୍ କରିବା ମାତ୍ରେ ତେନ୍ଦୁଲକରଙ୍କ ରେକର୍ଡ଼ ଭାଙ୍ଗିବେ କୋହଲି



ନୂଆଦିଲ୍ଲୀ

ଭାରତୀୟ ଦଳର ତାରକା ବ୍ୟାଟ୍ସମ୍ୟାନ ବିରାଟ କୋହଲିଙ୍କ ନଜର ଏକ ବଡ଼ ରେକର୍ଡ ଉପରେ ରହିଛି। କାନପୁର ଟେଷ୍ଟରେ ସେ ମହାନ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକରଙ୍କ ରେକର୍ଡ ଭାଙ୍ଗିବାର ସୁଯୋଗ ରହିଛି। କିଙ୍ଗ କୋହଲି ଅନ୍ତର୍ଜାତୀୟ କ୍ରିକେଟରେ ୨୭ ହଜାର ରନ ଆକଳନରୁ ମାତ୍ର ୩୫ ରନ ଦୂରରେ ଅଛନ୍ତି।

ଚେନ୍ନାଇ ଟେଷ୍ଟ ପୂର୍ବରୁ ସେ ଏହି ଆକଳନରୁ ୫୮ ରନ ଦୂରରେ ଥିଲେ। ଅନ୍ତର୍ଜାତୀୟ କ୍ରିକେଟରେ ୨୭ ହଜାର ରନ୍‌ରେ ପହଞ୍ଚିବାରେ ତେନ୍ଦୁଲକର ଦ୍ରୁତତମ ଖେଳାଳି। ସେ ୬୨୩ ଇନିଂସରେ (୨୨୬ ଟେଷ୍ଟ ଇନିଂସ, ୩୯୬ ଦିନିକିଆ ଇନିଂସ, ଗୋଟିଏ ଟି-୨୦ ଇନିଂସ) ରେ ଏହା କରିଥିଲେ। କୋହଲି ଏପର୍ଯ୍ୟନ୍ତ ସମସ୍ତ ଫର୍ମାଟ ସହିତ ୫୯୩ ଇନିଂସରେ ୨୬୯୬୫ ରନ ସ୍କୋର କରିଛନ୍ତି।

ସଚିନ ତେନ୍ଦୁଲକର ୬୬୪-୩୪୩୫୭, କୁମାର ସାଙ୍ଗାକାରା ୫୯୪-୨୮୦୧୬, ରିକି ପଣ୍ଟିଂ ୫୬୦-୨୭୪୮୩, ବିରାଟ କୋହଲି ୫୩୪-୨୬୯୬୫, ମହେଳା ଜୟବର୍ଦ୍ଧନେ ୬୫୨-୨୫୯୫୭।

ଆଜି ଭାରତ-ବାଂଲାଦେଶ ଦ୍ୱିତୀୟ ଟେଷ୍ଟ: ଭୁଶୁଡ଼ି ଯାଇପାରେ ଷ୍ଟାଡ଼ିୟମ ଷ୍ଟାଣ୍ଡ

କାନପୁର

ଚେନ୍ନାଇରେ ଭାରତ-ବାଂଲାଦେଶ ପ୍ରଥମ ଟେଷ୍ଟ ଶେଷ ହେବା ପରେ ଏବେ ସମସ୍ତଙ୍କ ନଜର କାନୁପର ଉପରେ। କାରଣ ଆସନ୍ତା ୨୭ ତାରିଖରୁ କାନପୁରର ଗ୍ରୀନ ପାର୍କ ଷ୍ଟାଡିୟମରେ ଭାରତ ହେବ ଦ୍ୱିତୀୟ ଟେଷ୍ଟ। ଭାରତ ସିରିଜ କ୍ଲିନ ସୁଇପ ଲକ୍ଷ୍ୟରେ ରହିଥିବା ବେଳେ ବାଂଲାଦେଶ ବାଉନ୍ସବ୍ୟାକ୍ କରିବା ଉଦ୍ଦେଶ୍ୟରେ ରହିଛି।

କାନୁପରରେ ୨୦୨୧ ପରେ ପ୍ରଥମଥର ପାଇଁ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯିବ। କିନ୍ତୁ ପ୍ରକାଶିତ ଏକ ରିପୋର୍ଟ ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି। ମ୍ୟାଚ୍ ପୂର୍ବରୁ ଉତ୍ତର ପ୍ରଦେଶର ପୂର୍ତ୍ତ ବିଭାଗ ଷ୍ଟାଡିୟମରେ ଥିବା ଗୋଟିଏ ଷ୍ଟାଣ୍ଡକୁ ବିପଦପୂର୍ଣ୍ଣ ଘୋଷଣା କରିଛି। ଷ୍ଟାଣ୍ଡର ସ୍ଥିତି ଏପରି ରହିଛି ଯେ ଯଦି ମ୍ୟାଚ୍ ବେଳେ ଏଠାରେ ପୂର୍ଣ୍ଣ କ୍ଷମତାରେ ଦର୍ଶକ ବସିବେ, ତା'ହେଲେ ଏହା ଭୁଶୁଡ଼ି ପଡ଼ିବ।

ଉତ୍ତର ପ୍ରଦେଶ କ୍ରିକେଟ ଆସୋସିଏସନ ସିଇଓ ଅଙ୍କିତ ଚାଟାର୍ଜୀ କହିଛନ୍ତି, "ପିଡବ୍ଲୁଡି କିଛି ପ୍ରସଙ୍ଗ ଉଠାଇଛି। ତଥ୍ୟ ମିଳିବା ପରେ ଆମେ ଷ୍ଟାଡିୟମର ବାଲ୍‌କୋନୀ ସି'ର ସବୁ ଟିକେଟ ବିକ୍ରି ନ କରିବାକୁ ନିଷ୍ପତ୍ତି ନେଇଛୁ। ଷ୍ଟାଣ୍ଡର କ୍ଷମତା

୪,୮୦୦ ଥିବା ବେଳେ ଆମେ ୧୭ ଶହ ଟିକେଟ ବିକ୍ରି କରିବୁ। ଷ୍ଟାଣ୍ଡର ମରାମତି କାମ ଚାଲି ରହିଛି। ଆଗାମୀ କିଛି ଦିନ ଧରି ମରାମତି କାମ ଜାରି ରହିବ।"

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଷ୍ଟାଣ୍ଡର ସ୍ଥିତି ଏତେ ଦୁର୍ବଳ ରହିଛି ଯେ କିଛି ଇଞ୍ଜିନିୟର ଢେର ସମୟ ବାଲ୍‌କୋନି ସି'ରା ଉପସ୍ଥିତ ରହିଥିଲେ। ଏହାପରେ ସେମାନେ ମ୍ୟାଚ୍ ବେଳେ ଏହାକୁ ବନ୍ଦ କରିବାକୁ କହିଥିଲେ।

ପିଡବ୍ଲୁଡିର ଜଣେ ଇଞ୍ଜିନିୟର କହିଛନ୍ତି, "ଯଦି ଋଷଭ ପନ୍ତ ଛକା ମାରନ୍ତି ଓ ଏଠାରେ ଏକାସାଙ୍ଗରେ ଉପସ୍ଥିତ ୫୦ ଜଣ ଫ୍ୟାନ ଖୁସିରେ ଜମ୍ପ କରିବେ, ତା'ହେଲେ ଏହା ଭୁଶୁଡ଼ି ପଡ଼ିବାର ଆଶଙ୍କା ରହିଛି। ଷ୍ଟାଡିୟମର ଏହି ଷ୍ଟାଣ୍ଡ ଅତ୍ୟନ୍ତ ବିପଦପୂର୍ଣ୍ଣ। ତୁରନ୍ତ ମରାମତିର ଆବଶ୍ୟକତା ରହିଛି।"

କାରଉ ଦୁର୍ଘଟଣା ପରେ ପନ୍ତ ବାଂଲାଦେଶ ମ୍ୟାଚ୍‌ରୁ ଟେଷ୍ଟ କ୍ରିକେଟକୁ କମବ୍ୟାକ କରିଛନ୍ତି। ସେ ନିଜର କମବ୍ୟାକ ମ୍ୟାଚରେ ଶତକ ମାରି ସମସ୍ତଙ୍କୁ ନିଜ ଯାଦୁ ଦେଖାଇଛନ୍ତି। ଏହି ଶତକ ପରେ ସେ ଆଇସିସି ଟେଷ୍ଟ ବ୍ୟାଟିଂ ର୍ୟାଙ୍କିଙ୍ଗର ୬ନମ୍ବର ସ୍ଥାନରେ ମଧ୍ୟ ପହଞ୍ଚି ଯାଇଛନ୍ତି।

ଚେସ୍ ଅଲିମ୍ପିଆଡ୍ ବିଜେତାଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ

ବୁଦାପେଷ୍ଟ ଚେସ୍ ଅଲିମ୍ପିଆଡ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ପୁରୁଷ ଓ ମହିଳା ଦଳର ଖେଳାଳିମାନଙ୍କୁ ନୂଆଦିଲ୍ଲୀରେ ଭେଟିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଦିବ୍ୟା ଦେଶମୁଖ, ତାନିଆ ସଚଦେବ, ଡି ଗୁକେଶ, ଅର୍ଜୁନ ଇରିଗାସି, ଆର. ପ୍ରଜ୍ଞାନନ୍ଦଙ୍କ ସହିତ ମୋଦି ଆଲୋଚନା କରିଥିଲେ। ଏହି ଅବସରରେ ପ୍ରଜ୍ଞାନନ୍ଦ ଓ ଇରିଗାସୀଙ୍କ ମଧ୍ୟରେ ହୋଇଥିବା ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌କୁ ମଧ୍ୟ ମୋଦି ଉପଭୋଗ କରିଛନ୍ତି। ପରେ ସମସ୍ତ ଖେଳାଳିଙ୍କୁ ପ୍ରଧାନମନ୍ତ୍ରୀ ସମ୍ମାନିତ କରିଥିଲେ ଓ ଅଭିନନ୍ଦନ ଜଣାଇଥିଲେ। ଭାରତୀୟ ଦଳକୁ ମଧ୍ୟ ସର୍ବଭାରତୀୟ ଚେସ୍ ମହାସଂଘ ୩.୨ କୋଟି ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରିଛି।

ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କଲେ ସାକିବ ଅଲ ହାସନ

ନୂଆଦିଲ୍ଲୀ

ଅବସର ଘୋଷଣା କରିଛନ୍ତି ବାଂଲାଦେଶର କିମ୍ବଦନ୍ତୀ ଅଲରାଉଣ୍ଡର ସାକିବ ଅଲ ହାସନ। ଶୁକ୍ରବାର କାନପୁରରେ ଭାରତ ଓ ବାଂଲାଦେଶ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ। ଏହା ପୂର୍ବରୁ ସାକିବ ଅବସର ଘୋଷଣା କରିଛନ୍ତି।

ଦକ୍ଷିଣ ଆଫ୍ରିକା ବିପକ୍ଷ ମୀରପୁରରେ ସେ ତାଙ୍କ ଟେଷ୍ଟ କ୍ୟାରିୟରର ଶେଷ ମ୍ୟାଚ୍ ଖେଳିବେ ବୋଲି କହିଛନ୍ତି। ବାଂଲାଦେଶକୁ ଅନେକ ମ୍ୟାଚ୍‌ରେ ଜିତାଇଥିବା ସାକିବ ଦୀର୍ଘ ବର୍ଷ ଧରି ୩ଟି ଯାକ କ୍ରିକେଟ ଫର୍ମାଟ ଖେଳି ଆସୁଥିଲେ। ସାକିବ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ମଧ୍ୟ ଆଉ ଖେଳିବେ ନାହିଁ ବୋଲି ସ୍ପଷ୍ଟ

କରିଛନ୍ତି।

ସେ କହିଛନ୍ତି, ଦକ୍ଷିଣ ଆଫ୍ରିକା ବିପକ୍ଷ ମୀରପୁର ମ୍ୟାଚ୍ ପରେ ମୁଁ ଟେଷ୍ଟ କ୍ରିକେଟରୁ ଅବସର ନେବାକୁ ଚାହୁଁଛି। କିନ୍ତୁ ଯଦି ଉକ୍ତ ମ୍ୟାଚ୍ ସମ୍ଭବପର ହେବ ନାହିଁ, ତା'ହେଲେ ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟ ତାଙ୍କ ନାଲି ବଲ କ୍ୟାରିୟରର ଶେଷ ମ୍ୟାଚ୍ ହେବ। ସେ ନିଜ ଟି-୨୦ କ୍ୟାରିୟରର ଶେଷ ମ୍ୟାଚ୍ ପୂର୍ବରୁ ଖେଳି ସାରିଛନ୍ତି ବୋଲି ସାକିବ କହିଛନ୍ତି।

ଏଯାଏ ୭୦ଟି ଟେଷ୍ଟ ମ୍ୟାଚ୍ ଖେଳିଥିବା ସାକିବ ୩୮.୩୩ ହାରରେ ୪୬୦୦ ରନ କରିଛନ୍ତି। ତାଙ୍କ ବ୍ୟାଟରୁ ୫ଟି ଶତକ ଓ ୩୧ଟି ୫୦ ଦେଖିବାକୁ ମିଳିଛି। ବ୍ୟାଟିଂ ବ୍ୟତୀତ ସେ ବୋଲିଂରେ ମଧ୍ୟ କମାଲ କରିଛନ୍ତି। ସେ ଟେଷ୍ଟ କ୍ରିକେଟରେ ୨୪୨ଟି ୱିକେଟ ନେଇଥିବା ବେଳେ ଏହା ମଧ୍ୟରେ ୫ଟି ଫାଇଫର ରହିଛି। ସେ ୨ ଥର ୧୦ଟି ୱିକେ ନେବାର ମଧ୍ୟ ରେକର୍ଡ କରିଛନ୍ତି।

ଜଣେ ଭଲ ଅଲରାଉଣ୍ଡରର ମାନ୍ୟତା ପାଇ ଥିବା ସାକିବ ୨୦୦୭ରେ ଭାରତ ବିପକ୍ଷ ଚିତ୍ତୋଗ୍ରାମ ଟେଷ୍ଟରେ ଡେବ୍ୟୁ କରିଥିଲେ। ଏବେ ସେ ୩୭ ବର୍ଷ ବୟସରେ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି।

୩୫ତମ ଜାତୀୟ ସିନିଅର ଟେନିସ୍ ବଲ୍ କ୍ରିକେଟ ଚାମ୍ପିଅନସିପ୍ ପାଇଁ ଖେଳାଳି ଚୟନ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ଆସନ୍ତା ନଭେମ୍ବର ମାସ ୧୮ ତାରିଖରୁ ଆରମ୍ଭ କରି ୨୧ ତାରିଖ ପର୍ଯ୍ୟନ୍ତ ଜାମୁ ଠାରେ ଆୟୋଜିତ ହେବାକୁ ଥିବା ୩୫ ତମ ଜାତୀୟ ସିନିଅର ଟେନିସ ବଲ କ୍ରିକେଟ ଚାମ୍ପିଅନସିପ୍ ପାଇଁ ଓଡ଼ିଶା ଜାତୀୟ ସିନିଅର ଖେଳାଳି (ମହିଳା ଓ ପୁରୁଷ) ବର୍ଗର ଚୟନ ପ୍ରକିୟା ଆସନ୍ତା ସେପ୍ଟେମ୍ବର ୨୯ ତାରିଖ ଦିନ ଓଡ଼ିଶା ଟେନିସ୍ ବଲ୍ କ୍ରିକେଟ ଆସୋସିଏସନ ଭୁବନେଶ୍ୱର ସ୍ଥିତ ଏଲଏଲସିସି ଗ୍ରାଉଣ୍ଡରେ ସକାଳ ୭ରୁ ଚୟନ ପ୍ରକ୍ରିୟା ଆରମ୍ଭ ହେବ। ତେଣୁକରି ଇଚ୍ଛୁକ ଖେଳାଳିମାନେ ନିଜ ନିଜର ଆଧାର କାର୍ଡ ଧରି ଭୁବନେଶ୍ୱର ସ୍ଥିତ (ଆଇଆରସି ଭିଲେଜେ)ର ଏଲଏଲସିସି ଗ୍ରାଉଣ୍ଡରେ ଚୟନ ପକ୍ରିୟାରେ ଯୋଗଦାନ ଦେଇପାରିବେ, ଯୋଗାଯୋଗ କରିବାକୁ ହେଲେ- ୭୩୮୧୦୭୧୦୮୪ (ଯୁଗ୍ମ ସଚିବ, ସୋମନାଥ ପରିଡ଼ା)। ଓଡ଼ିଶା ଟେନିସ୍ ବଲ କ୍ରିକେଟ ଆସୋସିଏସନକୁ ଯୁବ କ୍ରୀଡ଼ା ମନ୍ତ୍ରଣାଳୟ, ଭାରତ ସରକାର, ଓଡ଼ିଶା ଅଲମ୍ପିକ ଆସୋସିଏସନ, କ୍ରୀଡ଼ା ଓ ଯୁବ ବ୍ୟାପାର ଓଡ଼ିଶା ରାଜ୍ୟ ସରକାରଙ୍କ ଦ୍ୱାରା ମାନ୍ୟତା ପ୍ରାପ୍ତ ଖେଳ ଅଟେ।

ରୋହିତଙ୍କ ନାମରେ ଟାଟୁ ଆଙ୍କିଛନ୍ତି ପ୍ରଶଂସକ

ନୂଆଦିଲ୍ଲୀ

କ୍ରିକେଟ ଖେଳ ତଥା ଖେଳାଳିଙ୍କ ପାଇଁ ଲୋକେ ପାଗଳପ୍ରାୟ ହୋଇଯାଇ ଥାଆନ୍ତି। ଯେତେ ଅସୁବିଧା ଥିଲେ ବି କ୍ରିକେଟ ପ୍ରେମୀ ପ୍ରତିଟି ମ୍ୟାଚ ଦେଖିବା ପାଇଁ ଷ୍ଟାଡିୟମରେ ପହଞ୍ଚି ଯାଇଥାଆନ୍ତି। ଯେଉଁମାନେ ଷ୍ଟାଡିୟମ ଯାଇ ପାରନ୍ତି ନାହିଁ ସେମାନେ ସମସ୍ତ କାମକୁ ପଛରେ ପକାଇ ଦେଇ ଖେଳ ଦେଖିବା ପାଇଁ ଟେଲିଭିଜନ ସାମ୍ନାରେ ବସିଯାଇ ଥାଆନ୍ତି। ଏଭଳି କ୍ରମରେ ଯଦି କୌଣସି କ୍ରିକେଟ ଖେଳାଳିଙ୍କୁ ଆଖି ସାମ୍ନାରେ ଦେଖିବା ପାଇଁ ପ୍ରଶଂସକମାନେ ସୁଯୋଗ ପାଇଯାଇ ଥାଆନ୍ତି ସେମାନଙ୍କ ପାଇଁ ଏହାଠାରୁ ଖୁସିର ମୁହୂର୍ତ୍ତ ଆଉ କିଛି ହୋଇ ନଥାଏ। ନିକଟରେ କ୍ରିକେଟ ଖେଳ ତଥା ଖେଳାଳିଙ୍କୁ ଭଲ ପାଉଥିବା ଜଣେ ଫ୍ୟାନ୍ସ ପିଠିରେ ଆଙ୍କିଥିବା ଟାଟୁ ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିଲା, ଯାହାକି ଭାଇରାଲ ହୋଇଯାଇଛି। ଫ୍ୟାନ୍ସ ଜଣକ ନିଜ ପିଠରେ ଭାରତ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମାଙ୍କ ନାମରେ ଟାଟୁ ଆଙ୍କିଛନ୍ତି। ଟାଟୁରେ ଫ୍ୟାନ୍ସ ଜଣକ ରୋହିତ ଶର୍ମାଙ୍କ ନାମରେ ଏଯାବତ୍ ଥିବା ରେକର୍ଡକୁ ଆଙ୍କିଛନ୍ତି। ଭାରତ ଏବଂ ବାଂଲାଦେଶ ମଧ୍ୟରେ ଚାଲିଥିବା ଟେଷ୍ଟ ସିରିଜର ଦ୍ୱିତୀୟ ମ୍ୟାଚ୍ ସେପ୍ଟେମ୍ବର ୨୭ରେ କାନପୁରର ଗ୍ରୀନ୍ ପାର୍କ ଷ୍ଟାଡିୟମରେ ଖେଳାଯିବ ଏବଂ ଏଥିପାଇଁ ଉଭୟ ଦଳର ଖେଳାଳି କାନପୁରରେ ପହଞ୍ଚି ଯାଇଛନ୍ତି। ଏହି ସମୟରେ, ରୋହିତ ଶର୍ମାଙ୍କ ଜଣେ ପ୍ରଶଂସକ ଯିଏକି ଟିକେଟ୍ କିଣିବାକୁ ବୃନ୍ଦା ଜିଲ୍ଲାରୁ କାନପୁରରେ ଆସି ପହଞ୍ଚିଥିଲେ। ଯାହାକୁ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଭାରତୀୟ ଅଧିନାୟକଙ୍କ ଏହି ପ୍ରଶଂସକ ଅନ୍ୟମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ର ପାଲଟିଥିଲେ। ବାସ୍ତବରେ ବୃନ୍ଦା ଜିଲ୍ଲାର ବାସିନ୍ଦା ଜିତେନ୍ଦ୍ର ଭାରତୀୟ ଅଧିନାୟକ ରୋହିତ ଶର୍ମାଙ୍କର ଜଣେ ବଡ଼ ପ୍ରଶଂସକ। ଷ୍ଟାଡିୟମ ବାହାରେ ଟିକେଟ ବିକ୍ରି ପାଇଁ ରୋହିତ ଶର୍ମାଙ୍କ ପ୍ରଶଂସକ ଜିତେନ୍ଦ୍ର ଲାଇନରେ ଛିଡ଼ା ହୋଇଥିଲେ। ଏହି ସମୟରେ ତାଙ୍କ ପିଠିରେ ରୋହିତ ଶର୍ମାଙ୍କ ନାମରେ ଅଙ୍କା ଯାଇଥିବା ଟାଟୁ ଦେଖିବାକୁ ମିଳିଥିଲା। ଏଥିସହିତ ରୋହିତଙ୍କ ଜର୍ସି ନମ୍ବର ୪୫ମଧ୍ୟ ଜିତେନ୍ଦ୍ରଙ୍କ ପିଠିରେ ଟାଟୁଭାବେ ଅଙ୍କା ଯାଇଥିବା ବି ନଜର ଆସିଛି।

ଇତିହାସ ଦ୍ୱାରରେ ଅଶ୍ୱିନ : ଭାଙ୍ଗିପାରନ୍ତି ୬ କୀର୍ତ୍ତିମାନ



କାନପୁର

ଚେନ୍ନାଇ ଟେଷ୍ଟରେ ଚମକପ୍ରଦ ପ୍ରଦର୍ଶନ କରି ଭାରତକୁ ବୃହତ୍ ବିଜୟ ଉପହାର ଦେଇଥିବା ମହାନ ସ୍ପିନର ଆର. ଅଶ୍ୱିନଙ୍କ ପାଖରେ ଶୁକ୍ରବାରଠାରୁ ଆରମ୍ଭ ହେଉଥିବା କାନପୁର ଟେଷ୍ଟରେ ନୂଆ ଇତିହାସ ରଚିବାର ସୁଯୋଗ ରହିଛି। ତେବେ ଗୋଟିଏ କିମ୍ବା ଦୁଇଟି ନୁହେଁ, ସେ ୬ଟି କୀର୍ତ୍ତିମାନ କରିବାର ସୁଯୋଗ ପାଇବେ। ୩୮ ବର୍ଷୀୟ ଅଶ୍ୱିନ ଯଦି ଚେନ୍ନାଇ ଟେଷ୍ଟର ପ୍ରଦର୍ଶନ (ଷଷ୍ଠ ଶତକ ଓ ୬ ୱିକେଟ୍)କୁ ଦୋହରାଇ ପାରନ୍ତି, ତା'ହେଲେ କ୍ରିକେଟ୍ ଇତିହାସରେ ନୂଆ ଫର୍ଦ୍ଦ ଯୋଡ଼ି ଭାରତର ସର୍ବଶ୍ରେଷ୍ଠ ସ୍ପିନର ହେବା ଦିଗରେ ଏକ ବଡ଼ ପାଦ ବଢ଼ାଇବେ। ଅଶ୍ୱିନ ରଚିବାକୁ ଥିବା ରେକର୍ଡଗୁଡ଼ିକ ହେଉଛି- ପ୍ରଥମ ଭାରତୀୟ ଭାବେ ଚତୁର୍ଥ ପାଳିରେ ୧୦୦ ୱିକେଟ୍ ନେବାର ସୁଯୋଗ, ୯୯ ୱିକେଟ୍ ନେଇଛନ୍ତି। ଜାହିର ଖାନ୍ (୩୧ ୱିକେଟ୍)ଙ୍କୁ ଟପି ଭାରତ-ବାଂଲାଦେଶ ଟେଷ୍ଟରେ ସର୍ବାଧିକ ୱିକେଟ୍ ନେଇପାରନ୍ତି। ୨୦୨୩-୨୫ ଚକ୍ରରେ ବିଶ୍ୱ ଟେଷ୍ଟ୍ ଚାମ୍ପିଅନସିପ୍‌ର ସର୍ବାଧିକ ୱିକେଟ୍ ଦଖଲକାରୀ ହେବାର ସୁଯୋଗ। ସେନ୍ ୱର୍ଣ୍ଣ (୩୭)ଙ୍କୁ ସର୍ବାଧିକ ୫ ୱିକେଟ୍ ସଫଳତାରେ ଟପିବାର ସୁବର୍ଣ୍ଣ ସୁଯୋଗ ରହିବ। ବିଶ୍ୱ ଟେଷ୍ଟ୍ ଚାମ୍ପିଅନ୍‌ସିପ୍‌ରେ ସର୍ବାଧିକ ୱିକେଟ୍ ଦଖଲକାରୀ ହେବାର ଗେ ?ରବ ହାସଲ କରିପାରନ୍ତି। ଟେଷ୍ଟ୍ ଇତିହାସରେ ସପ୍ତମ ସର୍ବାଧିକ ୱିକେଟ୍ ଦଖଲକାରୀ ହୋଇପାରନ୍ତି, ନାଥନ ଲାୟନଙ୍କୁ ଟପିବେ।

ଲଟାବୁଦାରେ ପରିପୂର୍ଣ୍ଣ ମିନିଷ୍ଟାଡ଼ିୟମ୍ : କ୍ରୀଡ଼ାବିତ୍‌ଙ୍କ ଅସନ୍ତୋଷ

ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ

ପର୍ଯ୍ୟଟନର ସହର ଗୋପାଳପୁରରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ପ୍ରାୟ ୮ ବର୍ଷ ତଳେ ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ପ୍ରାୟ ତିନି ଏକର ଜମିରେ ଏକ ମିନି ଷ୍ଟାଡ଼ିୟମ୍ ନିର୍ମାଣ ହୋଇଥିଲା । ୨୦ ଲକ୍ଷ ଟଙ୍କାର ବ୍ୟୟ ବରାଦ ହୋଇ ପାଚେରୀ, ଚେଞ୍ଜିଂ ରୁମ୍ ଓ ଦୁଇଟି ଗୋଲ୍ ପୋଷ୍ଟ ସ୍ଥାପନ ହେଲା। ନିର୍ମାଣ ହେବା ଦିନଠୁ ଚେଞ୍ଜିଂ ରୁମ୍‌ରେ ତାଲା ଝୁଲୁଛି । କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲେ ବି ପଡ଼ିଆରେ ମାଟି ମୁଠାଏ ବି ପଡ଼ିଲା ନାହିଁ। ଫଳରେ ଏହା ଖେଳ ପାଇଁ ଅନୁପଯୋଗୀ ହୋଇ ରହିଥିବା ଯୋଗୁଁ କ୍ରୀଡ଼ାବିତ୍‌ଙ୍କ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି । ଏଭଳି ସ୍ଥିତିରେ ବି କିଛି କ୍ରୀଡ଼ାବିତ୍ କ୍ରିକେଟ୍ ଅଭ୍ୟାସ କରୁଥିଲେ ହେଁ ବର୍ତ୍ତମାନ

ପଡ଼ିଆଟି ଲଟାବୁଦାରେ ଭରି ହୋଇଯାଇଛି । ଏଦିଗରେ କର୍ତ୍ତୃପକ୍ଷ ଆଦୌ ପଦକ୍ଷେପ ଗ୍ରହଣ କରୁନଥିବା ଯୋଗୁଁ କ୍ରୀଡ଼ାବିତ୍‌ଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ସନ୍ଧ୍ୟାରେ ଏଠାରେ ଅସାମାଜିକଙ୍କ ଆଡ୍ଡା ଜମୁଥିବା ଅଭିଯୋଗ ହେଉଛି । ଏଠାରେ କୌଣସି କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ପାଇଁ ଉପଯୋଗୀ ହୋଇପାରୁନାହିଁ । କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ଉଦ୍ଦେଶ୍ୟରେ ଏହି ଷ୍ଟାଡ଼ିୟମ୍ ନିର୍ମାଣ କରାଯାଇଥିବା ବେଳେ ଏହାର ବିକାଶ ଉପରେ ଧ୍ୟାନ ଦିଆନଯାଇ ଆବଶ୍ୟକ ପଡ଼ିଲେ ଏହି ପଡ଼ିଆକୁ ଗାଡ଼ି ପାର୍କିଂ ପାଇଁ ବ୍ୟବହାର କରାଯାଉଛି । ମିନି ଷ୍ଟାଡ଼ିୟମ ପରିସର ଲଟାବୁଦାରେ ରହିଥିବା ଯୋଗୁଁ କୌଣସି ଖେଳ ହୋଇପାରୁନାହିଁ । ଏହି ଷ୍ଟାଡ଼ିୟମ ଉପରେ ଗୋପାଳପୁର ସମେତ ନିକଟବର୍ତ୍ତୀ ଅଞ୍ଚଳର ଖେଳାଳିମାନେ ନିର୍ଭର କରିଥାନ୍ତି । ଷ୍ଟାଡ଼ିୟମ ପଡ଼ିଆ ଖେଳ ଉପଯୋଗୀ ନଥିବା ଯୋଗୁଁ ଖେଳାଳିମାନେ ବାଧ୍ୟ ହୋଇ ଇନ୍‌ଡ଼ୋର ହଲ୍‌କୁ ଯାଇ ଅଭ୍ୟାସ କରୁଛନ୍ତି । ସନ୍ଧ୍ୟା ପରେ ଏଠାରେ ମଦୁଆଙ୍କ ଭିଡ଼ ରହୁଥିବା ଯୋଗୁଁ ପଡ଼ିଆରେ ଖାଲି ମଦ ବୋତଲ ଏଣେତେଣେ ପଡ଼ିଥିବା ଦେଖିବାକୁ ମିଳୁଛି । ୨୦୧୬ ମସିହାରେ ଗୋପାଳପୁର ମିନି ଷ୍ଟାଡ଼ିୟମ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇ ଗୋଟିଏ ବର୍ଷ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ମିନି ଷ୍ଟାଡ଼ିୟମକୁ ଯିବା ପାଇଁ ଆହାର କେନ୍ଦ୍ର ପାର୍ଶ୍ୱ ରାସ୍ତା ଦେଇ ଯିବାକୁ ପଡୁଥିବା ବେଳେ ଏହି ରାସ୍ତା ପାର୍ଶ୍ୱରେ ଏନ୍‌ଏସି ପକ୍ଷରୁ ମାଛ, ମାଂସ ଦୋକାନ ଖୋଲା ଯାଇଛି । ଦୁର୍ଗନ୍ଧ ହେଉଥିବାରୁ କ୍ରୀଡ଼ାବିତ୍ ମାନେ ବସ୍‌ଷ୍ଟାଣ୍ଡ ପାର୍ଶ୍ୱରେ ଭଙ୍ଗାଯାଇଥିବା ପାଚେରୀ ଦେଇ ଯାତାୟାତ କରୁଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଷ୍ଟାଡ଼ିୟମ୍ ପଡ଼ିଆକୁ ଖେଳ ଉପଯୋଗୀ କରିବାକୁ କ୍ରୀଡ଼ାବିତ୍ ସମେତ ସାଧାରଣରେ ଦାବି ହୋଇଛି ।

ସିକେ ନାଇଡୁ ଟ୍ରଫି ପାଇଁ ଘୋଷଣା ହେଲା ଓଡ଼ିଶା ଦଳ

କଟକ

ସିକେ ନାଇଡୁ ଟ୍ରଫି ପାଇଁ ଘୋଷଣା ହେଲା ୨୩ ବର୍ଷରୁ କମ୍ ଓଡ଼ିଶା ଦଳ। ୧୬ ଜଣିଆ ଟିମ୍ ଘୋଷଣା କରିଛି ଓଡ଼ିଶା କ୍ରିକେଟ ସଂଘ। ସାଓ୍ୱନ ପାହାଡ଼ିଆଙ୍କ ଅଧିନତ୍ୱରେ ପ୍ରତିଯୋଗିତାକୁ ଓହ୍ଲାଇବ ଟିମ୍। ବିଶ୍ୱ ବୈଭବ ମୁଦୁଲି , ଦେବବ୍ରତ ପ୍ରଧାନ, ସୁଭମ ନାୟକ, ସାଇଦିପ ମହାପାତ୍ର, ସୁଯଲ ସିଂଙ୍କ ଭଳି ଭଲ ବ୍ୟାଟରଙ

ନବନିଯୁକ୍ତ ପ୍ରାଣୀଚିକିତ୍ସକମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ

'ମୂକ ପ୍ରାଣୀମାନଙ୍କ ଚିକିତ୍ସା ଅଧିକ ଗୁରୁତ୍ୱପୂର୍ଣ୍ଣ' : ମନ୍ତ୍ରୀ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗରେ ନବନିଯୁକ୍ତ ୮୨ ଜଣ ପ୍ରାଣୀଚିକିତ୍ସକଙ୍କ ପ୍ରାଥମିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗୁରୁବାର ଲୋକସେବା ଭବନର କନ୍‌ଭେନ୍‌ସନ୍ ସେଣ୍ଟରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନବନିଯୁକ୍ତ ପ୍ରାଣୀଚିକିତ୍ସକମାନେ ଯୋଗ୍ୟତା ତାଲିକା ଭିତ୍ତିରେ ସେମାନଙ୍କ ପସନ୍ଦ ଅନୁଯାୟୀ ନିଜ ନିଜ ଚାକିରି ସ୍ଥାନ ବାଛିଥିଲେ । ଅପରାହ୍ନରେ ମନ୍ତ୍ରୀ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ନବନିଯୁକ୍ତ ପ୍ରାଣୀଚିକିତ୍ସକମାନଙ୍କୁ ଦିଗ୍‌ଦର୍ଶନ କ୍ରମେ କହିଥିଲେ ଯେ ଅବସ୍ଥାପନ ସଂପର୍କିତ ଧାରଣା ବାହାରେ ସେମାନେ ଯେକୌଣସି ସ୍ଥାନରେ ପ୍ରାଣୀସଂପଦ ବିକାଶ ଦିଗରେ କାର୍ଯ୍ୟ କରିବାର ହେଲେ ନିଜକୁ ପ୍ରସ୍ତୁତ କରିବା ଆବଶ୍ୟକ । ପ୍ରାଣୀଚିକିତ୍ସକମାନେ ମୂକ ପ୍ରାଣୀମାନଙ୍କ ଚିକିତ୍ସା କରୁଥିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ସେଥିପାଇଁ ସେମାନଙ୍କୁ ଯଥେଷ୍ଟ ଯତ୍ନବାନ ହେବାକୁ ପଡ଼ିବ । ପ୍ରାଣୀଚିକିତ୍ସକମାନଙ୍କୁ ଶ୍ରେଷ୍ଠ ଚିକିତ୍ସକର ଆଖ୍ୟା ଦିଆଯାଏ କାରଣ ସେମାନେ ପ୍ରାଣୀମାନଙ୍କୁ ରୋଗ ସଂପର୍କିତ ପ୍ରଶ୍ନ ନ ପଚାରି ନିଦାନ ଓ ଚିକିତ୍ସା କରିଥାନ୍ତି । ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ କହିଥିଲେ ଯେ ପ୍ରାଣୀଚିକିତ୍ସକମାନେ ପ୍ରଥମରୁ ଗ୍ରୁପ୍-ଏ ଶ୍ରେଣୀରେ ନିଯୁକ୍ତି ପାଉଛନ୍ତି । ତେଣୁ ସେମାନଙ୍କର ଦାୟିତ୍ୱ ବୃଦ୍ଧି ପାଇଛି ଏବଂ କର୍ତ୍ତବ୍ୟ ସଂପାଦନରେ ସେମାନେ ଯଥେଷ୍ଟ ଆନ୍ତରିକତା ଓ ନିଷ୍ଠା ପ୍ରଦର୍ଶନ କରିବା ଆବଶ୍ୟକ । ଅନୁରୂପ ଭାବରେ ବିଭାଗ ପକ୍ଷରୁ ଓଡ଼ିଶାରେ ପ୍ରାଣୀ ପ୍ରଜାତିମାନଙ୍କର ଲିପିବଦ୍ଧକରଣ (ଡକ୍ୟୁମେଣ୍ଟେସନ୍) ପାଇଁ ନ୍ୟାସନାଲ ବ୍ୟୁରୋ ଅଫ୍ ଆନିମଲ ଜେନେଟିକ୍ ରିସୋର୍ସର କାର୍ଯ୍ୟକର୍ତ୍ତାମାନଙ୍କ ସହିତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ମନ୍ତ୍ରୀ ଶ୍ରୀ ମଲ୍ଲିକ ଏଥିରେ ଯୋଗଦେଇ କହିଥିଲେ ଯେ ଓଡ଼ିଶାର ପ୍ରାଣୀ ପ୍ରଜାତି ଆମ ସଂସ୍କୃତି ସହ ଜଡ଼ିତ । ଏହି ପ୍ରସଙ୍ଗରେ ସେ ମାଣିକ ପାଟଣାର ଉଦାହରଣ ଦେଇ ମାଣିକ ଗଉଡୁଣୀର ଠାକୁରଙ୍କୁ ପ୍ରଦତ୍ତ ଦହି ଚିଲିକା ମଇଁଷୀ କ୍ଷୀରରୁ ପ୍ରସ୍ତୁତ ହୋଇଥିବା ଦର୍ଶାଇଥିଲେ । ରାଜ୍ୟରେ ୧.୮୧ କୋଟି ପଶୁସଂପଦ ଏବଂ ୨.୭୨ କୋଟି କୁକୁଟଜାତୀୟ ପକ୍ଷୀ ଅଛନ୍ତି । ଏମାନଙ୍କ ମଧ୍ୟରୁ କେବଳ ୧୨ଟି ପ୍ରଜାତିର ପଞ୍ଜୀକରଣ ହୋଇ ପାରିଛି । ଏହି ୧୨ଟି ପ୍ରଜାତିକୁ ଛାଡ଼ି ଅନ୍ୟ ଅନେକ ପ୍ରଜାତି ପଞ୍ଜୀକରଣ ଅପେକ୍ଷାରେ ଅଛନ୍ତି । ଆଜିର ବୈଠକରେ ବ୍ୟୁରୋର ନିର୍ଦ୍ଦେଶକ ଡ. ବି. ପି. ମିଶ୍ର କହିଥିଲେ ଯେ ଆଗାମୀ କିଛିଦିନ ମଧ୍ୟରେ ରାଜ୍ୟର ସମସ୍ତ ପ୍ରାଣୀ ପ୍ରଜାତିଙ୍କ ପଞ୍ଜୀକରଣ କରାଯିବ । ପ୍ରାଣୀ ପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ରାମାଶିଷ ହାଜରା ବୈଠକରେ ଧନ୍ୟବାଦ ଅର୍ପଣ କରିଥିଲେ ।

ରାଜ୍ୟ ବିଜେପି ସରକାର ପଛୁଆ ବର୍ଗର ସ୍ୱାର୍ଥପ୍ରତି ଅଣଦେଖା କରୁଛନ୍ତି: ବିଜେଡ଼ି

ଭୁବେନଶ୍ୱର, ନ୍ୟୁଜ ବ୍ୟୁରୋ
ରାଜ୍ୟ ବିଜେପି ସରକାର ଓବିସି ଓ ଏସସିବିସି ବର୍ଗର ଲୋକଙ୍କ ସ୍ୱାର୍ଥକୁ ଅଣଦେଖା କରୁଛନ୍ତି । ଡବଲ ଇଂଜିନ ଓ ଡବଲ ବିକାଶର ନାରା ଦେଇ ସରକାରକୁ ଆସିଥିବା ବିଜେପି ସରକାରଙ୍କ ଶହେ ଦିନ ଭିତରେ ରାଜ୍ୟରେ ବାସ କରୁଥିବା ପ୍ରାୟ ୫୪% ପଛୁଆ ବର୍ଗର ଲୋକଙ୍କ ସ୍ୱାର୍ଥପାଇଁ ପଦୁଟିଏ ମଧ୍ୟ ମୁହଁ ଖୋଲି ନାହାନ୍ତି ବୋଲି ବିଜୁ ଜନତା ଦଳ ପକ୍ଷରୁ ଅଭିଯୋଗ କରିଛି । ଶଙ୍ଖ ଭବନ ଠାରେ ଗୁରୁବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ରାଜ୍ୟସଭା ସାଂସଦ ଶ୍ରୀ ସୁଭାଶିଷ ଖୁଣ୍ଟିଆ କହିଲେ, ବିଜୁ ଜନତା ଦଳ ତରଫରୁ ଦେଶରେ ଜାତି ଭିତ୍ତିକ ଜନ ଗଣନା ପାଇଁ ଆମର ସଭାପତି ନବୀନ ପଟ୍ଟନାୟକ ଦାବି କରି ଆସୁଛନ୍ତି । ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ଓବିସି ମାନଙ୍କ ପାଇଁ କୌଣସି ସରଂକ୍ଷଣ ନାହିଁ, ଯାହା ଫଳରେ ପଛୁଆ ବର୍ଗର ପିଲା ମାନେ ଡାକ୍ତରୀ ଓ ଇଂଜିନିୟରିଙ୍ଗ ପଢ଼ିବାରୁ ବଞ୍ଚିତ ହେଉଛନ୍ତି । ସେହିପରି ନିଯୁକ୍ତି କ୍ଷେତ୍ରରେ ମାତ୍ର ୧୧. ୨୫% ସରଂକ୍ଷଣ ବ୍ୟବସ୍ଥା ରହିଛି ଯାହା ପ୍ରକୃତରେ ୨୭% ରହିବା କଥା । ତେଣୁ ଉଭୟ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ରାଜ୍ୟର ପଛୁଆ ବର୍ଗର ଲୋକମାନେ ତାଙ୍କ ନ୍ୟାର୍ଯ୍ୟ ଅଧିକାର ପାଇବାରୁ ବଞ୍ଚିତ ହେଉଛନ୍ତି । ଆମ ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରମ୍ବାର ପଛୁଆ ବର୍ଗର ନ୍ୟାର୍ଯ୍ୟ ଦାବି ପାଇଁ ଲଢେଇ କରିଛନ୍ତି । ପୂର୍ବରୁ ରାଜ୍ୟର ବିଜେପି ପଛୁଆ ବର୍ଗର ଲୋକଙ୍କ ପାଇଁ ସ୍ୱର ଉତ୍ତୋଳନ କରୁଥିଲା ହେଲେ ସରକାରକୁ ଆସିବା ପରେ ସେମାନେ ନିରବ ହୋଇ ଯାଇଛନ୍ତି ବୋଲି ଶ୍ରୀ ଖୁଣ୍ଟିଆ କହିଛନ୍ତି ।
ବିଜେଡି ରାଷ୍ଟ୍ରୀୟ ମୁଖପାତ୍ର ତଥା ରାଜ୍ୟସଭା ସାଂସଦ ଡ଼ଃ ସସ୍ମିତ ପାତ୍ର କହିଥିଲେ ଡବଲ ଇଂଜିନ ସରକାର ଆସିଲେ ଡବଲ ବିକାଶ ହେବ ବୋଲି ଡିଣ୍ଡିମ ପିଟୁଥିବା ବିଜେପି ଡବଲ ଇଂଜିନ ସରକାର ଆସିବାର ଶହେ ଦିନ ପୂରଣ ହୋଇଥିଲେ ହେଁ, ପଛୁଆ ବର୍ଗର ସ୍ୱାର୍ଥ ପୂରଣ ପାଇଁ ପଦଟିଏ ମଧ୍ୟ ମୁହଁ ଖୋଲି ନାହାନ୍ତି । ଶହେ ଦିନର ସଫଳତାକୁ ନେଇ ଉତ୍ସବ ମୁଖର ଥିବା ବିଜେପି ସରକାରଙ୍କୁ ଆମର ପ୍ରଶ୍ନ, ପଛୁଆ ବର୍ଗର ଲୋକଙ୍କ ପାଇଁ କରିଛ କ'ଣ ? ବିଜୁ ଜନତା ଦଳର ସାଂସଦମାନେ ଗତ ପାଞ୍ଚବର୍ଷରେ ଜାତି ଭିତ୍ତିକ ଜନ ଗଣନା ପାଇଁ ଦାବି କରି ଆସୁଛନ୍ତି, କିନ୍ତୁ କେନ୍ଦ୍ର ସରକାର ସେଥିପ୍ରତି କର୍ଣ୍ଣପାତ କରୁ ନାହାନ୍ତି ବୋଲି ଶ୍ରୀ ପାତ୍ର କହିଥିଲେ । ପ୍ରାରମ୍ଭରେ, ବିଜେଡି ମୁଖପାତ୍ର ତଥା ମିଡ଼ିଆ କୋଡିନେଟର ଡ଼ଃ ଲେନିନ ମହାନ୍ତି ଆଜିର ପ୍ରସଙ୍ଗ ଉପରେ ପ୍ରାକ ସୂଚନା ଦେବା ସହ କହିଥିଲେ, କେବଳ ବଡ଼ ବଡ଼ କଥା କହି ଓ ଅନ୍ୟର ମୁଣ୍ଡରେ ଦୋଷ ଲଦି ବର୍ତ୍ତମାନର ବିଜେପି ସରକାର ଖସି ଯିବାକୁ ଚାହୁଁଛନ୍ତି । ରାଜ୍ୟର ସାଢେ ଚାରି କୋଟି ଲୋକ ବିଜୁ ଜନତା ଦଳକୁ ବିରୋଧୀ ଦଳର ସ୍ଥାନ ଦେଇଛନ୍ତି, ତେଣୁ ରାଜ୍ୟବାସୀଙ୍କ ସ୍ୱାର୍ଥରକ୍ଷା ପାଇଁ ବିଜୁ ଜନତା ଦଳ ନିଶ୍ଚିତ ଭାବେ ଲଢେଇ କରିବ ବୋଲି ଡ଼ଃ ମହାନ୍ତି କହିଥିଲେ ।

ଉପମୁଖ୍ୟମନ୍ତ୍ରୀଙ୍କ ସହ ରୟାଲ ଇଣ୍ଡିଆ କମ୍ପାନୀ ପ୍ରତିନିଧିଙ୍କ ବୈଠକ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ଗୁରୁବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ରୟାଲ ଇଣ୍ଡିଆ କମ୍ପାନୀର ପ୍ରତିନିଧିମାନେ ସାକ୍ଷାତ ଓ ଆଲୋଚନା କରିଛନ୍ତି । ଏହି ବୈଠକରେ କୃଷକମାନଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜଳସେଚନର ସୁବିଧା ନେଇ ଆଲୋଚନା କରିଥିଲେ । କୃଷି କ୍ଷେତ୍ରରେ ଜଳସେଚନ ଭଳି ସମସ୍ୟାର ସମାଧାନ ନିମନ୍ତେ ରାଜ୍ୟ ସରକାର ସମସ୍ତ ପ୍ରକାର ସୁବିଧାସୁଯୋଗ ଯୋଗାଇ ଦେଉଛନ୍ତି । ରୟାଲ ଇଣ୍ଡିଆ କମ୍ପାନୀ ଝାରଖଣ୍ଡ ଏବଂ ଅନ୍ୟ ରାଜ୍ୟମାନଙ୍କରେ ସୌରଚାଳିତ ପମ୍ପ ସାହାଯ୍ୟରେ ଜଳସେଚନ ସୁବିଧା ଯୋଗାଇ ଦେଉଛି । ସ୍ଥାନାନ୍ତରଯୋଗ୍ୟ ସୌରଚାଳିତ ପମ୍ପ ସାଧାରଣ ଚାଷୀଙ୍କ ବ୍ୟବହାର ନିମନ୍ତେ ଉପଯୋଗୀ ହେବ ଏବଂ ଏହା ବିଦ୍ୟୁତ ଶକ୍ତି ନିମନ୍ତେ ହେଉଥିବା ବ୍ୟୟଭାର ହ୍ରାସ କରିବ ବୋଲି ପ୍ରତିନିଧିମାନେ ପ୍ରକାଶ କରିଥିଲେ । କୂଅ, ପୋଖରୀ କିମ୍ବା ଅନ୍ୟକୌଣସି ଜଳଉତ୍ସକୁ ବ୍ୟବହାର କରିବାରେ ଏହା ସୌରଚାଳିତ ପମ୍ପ ବିଶେଷ ଭାବେ ଉପଯୋଗୀ ଏବଂ ଏହି ସେବା ପ୍ରଦାନ କରିବାକୁ କମ୍ପାନୀ ଆଗ୍ରହୀ ବୋଲି ପ୍ରତିନିଧିମାନେ ଉପମୁଖ୍ୟମନ୍ତ୍ରୀଙ୍କ ନିକଟରେ ପ୍ରକାଶ କରିଥିଲେ । ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି ଏବଂ ଜଳସେଚନ ବ୍ୟବସ୍ଥାକୁ ସୁଗମ କରିବା ନିମନ୍ତେ ସରକାର ଆବଶ୍ୟକ ପଦକ୍ଷେପ ନେଉଛନ୍ତି ବୋଲି ପ୍ରକାଶ କରିବା ସହ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କମ୍ପାନୀ ଯୋଗାଇ ଦେଉଥିବା ବିଭିନ୍ନ ବୈଷୟିକ ସେବା ବିଷୟରେ ଅବଗତ ହୋଇଥିଲେ । ବୈଠକରେ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ କୁମାର ଶର୍ମା ଏବଂ ଜଳସମ୍ପଦ ଓ ଶକ୍ତି ବିଭାଗର ବହୁ ପଦାଧିକାରୀ ଉପସ୍ଥିତ ଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ବିଜେପିରେ ନେତା ...

କହିଥିଲୁ, କରିକି ଦେଖାଇଲୁ । କଶ୍ମୀରରୁ ଧାରା ୩୭୦ ହଟାଇ ସମ୍ବିଧାନକୁ ସାର୍ବଭୌମ କରିଛୁ । ଏପରିକି ବିଜେପି ଲାଷ୍ଟ ମ୍ୟାନ ଆଟ ଲାଷ୍ଟ ମାଇଲରେ ବିଶ୍ୱାସ କରୁଥିବା ଦଳ । ସେଥିପାଇଁ ୨ ସେପ୍ଟେମ୍ବରରୁ ଏଯାଏଁ ୬ କୋଟି ନୂଆ ସଦସ୍ୟ ଯୋଡ଼ି ହେଲେଣି ବୋଲି ଦୋହରାଇଛନ୍ତି ନଡ୍ଡା । ଏହି ଅବସରରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଆହୁରି କହିଛନ୍ତି, ଆଜି ମେଟ୍ରୋ, ଫ୍ଲାଇ ଓଭରର ଭିତ୍ତିଭୂମି ପାଇଁ ୧୦ଲକ୍ଷ କୋଟି ଖର୍ଚ୍ଚ ହୋଇଛି । ଆୟୁଷ୍ମାନ ଭାରତ ବିଶ୍ୱର ସବୁଠାରୁ ବଡ଼ ହେଲ୍‌ଥ କଭର ପ୍ରୋଗ୍ରାମ । ଏଥିରେ ୭୦ବର୍ଷରୁ ଅଧିକ ବୟସ୍କଙ୍କୁ ସାମିଲ କରାଯାଇଛି । ୫ଲକ୍ଷର ସ୍ୱାସ୍ଥ୍ୟ ବୀମା ଯୋଗାଇବାର ବ୍ୟବସ୍ଥା ରହିଛି । ଏଥିରେ ଆଉ ୬କୋଟି ଲୋକ ସାମିଲ ହେବେ । ଆବାସ ଯୋଜନାରେ ଆଉ ୩ କୋଟି ନୂଆ ଘର ନିର୍ମାଣ କରାଯିବ ବୋଲି ସେ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ବିଜେପି କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ରାଜ୍ୟ ମନ୍ତ୍ରୀ ମଣ୍ଡଳର ବରିଷ୍ଠ ସଦସ୍ୟଙ୍କ ସମେତ ବୁଦ୍ଧିଜୀବୀ ଏବଂ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ ।

ଦେଶକୁ ମିଳିଲା ...

ଅତ୍ୟନ୍ତ ଦ୍ରୁତ ଏବଂ ଶକ୍ତିଶାଳୀ କମ୍ପ୍ୟୁଟର । ସେଗୁଡ଼ିକ ଖୁବ କମ ସମୟ ମଧ୍ୟରେ ଜଟିଳ ଗଣନା ସମ୍ପୂର୍ଣ୍ଣ କରିଥାନ୍ତି । ଏକ ସୁପର କମ୍ପ୍ୟୁଟର ଏକାଥରକେ ଏତେ ପରିମାଣର ଡାଟା ପ୍ରୋସେସ କରିପାରେ ଯେ ସାଧାରଣ କମ୍ପ୍ୟୁଟର କଳ୍ପନା ମଧ୍ୟ କରିପାରିବ ନାହିଁ । ଏହି ସୁପର କମ୍ପ୍ୟୁଟର ଅତ୍ୟନ୍ତ ଦ୍ରୁତ ଏବଂ ଶକ୍ତିଶାଳୀ କମ୍ପ୍ୟୁଟର । ବୈଜ୍ଞାନିକ ଏବଂ ଗବେଷଣା ଉଦ୍ଦେଶ୍ୟରେ ଏହି ସୁପର କମ୍ପ୍ୟୁଟର ବ୍ୟବହାର କରାଯାଏ । ଏହି ୩ଟି ସୁପର କମ୍ପ୍ୟୁଟରକୁ ପୁଣେ, ଦିଲ୍ଲୀ ଓ କୋଲକାତାରେ ଲଗାଯିବ । ଏହି କମ୍ପ୍ୟୁଟରଗୁଡ଼ିକରେ ଅତ୍ୟାଧୁନିକ ହାର୍ଡୱେର ଏବଂ ସଫ୍ଟୱେର ଟେକ୍ନୋଲୋଜି ବ୍ୟବହାର କରାଯାଇଛି । ଏହାର ଅଧିକାଂଶ ଉପାଦାନ ଭାରତରେ ଉତ୍ପାଦନ ଓ ଆସେମ୍ବିଲ କରାଯାଇଛି । ଏକ ସୁପର କମ୍ପ୍ୟୁଟର ସେହି କାର୍ଯ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ କରିପାରିବ, ଯାହା ନିୟମିତ କମ୍ପ୍ୟୁଟର ପାଇଁ ୫୦୦ ବର୍ଷ ସମୟ ନେବ ।

ପରମାଣୁ ବୋମା...

ବୋଲି ସେ କହିଛନ୍ତି । ଆମେରିକା ଏବଂ ନାଟୋ ଦେଶ ୟୁକ୍ରେନକୁ ଅନେକ ବିନାଶକାରୀ ଅସ୍ତ୍ର ଯୋଗାଇ ଦେଇଛନ୍ତି, କିନ୍ତୁ ୟୁକ୍ରେନକୁ ଏହି ମାରାତ୍ମକ କ୍ଷେପଣାସ୍ତ୍ର ବ୍ୟବହାର କରିବାକୁ ଅନୁମତି ଦିଆଯାଇ ନାହିଁ । ରାଷ୍ଟ୍ରପତି ଜେଲେନସ୍କି ଆମେରିକା ବ୍ୟବହାର କରିବାକୁ ଅନୁମତି ମାଗିଛନ୍ତି । ପୁଟିନ ସ୍ପଷ୍ଟ କରିଛନ୍ତି, ଯଦି ରଷିଆକୁ ମାରାତ୍ମକ କ୍ଷେପଣାସ୍ତ୍ର, ଡ୍ରୋନ ଏବଂ ବିମାନ ଦ୍ୱାରା ଆକ୍ରମଣ କରାଯାଏ, ତେବେ ସେ ଏହାକୁ ମିଳିତ ଆକ୍ରମଣ ବୋଲି ବିବେଚନା କରିବେ ଏବଂ ଆଣବିକ ବୋମା ବ୍ୟବହାର କରି ପ୍ରତିଶୋଧ ନେଇ ପାରିବେ । କେବଳ ୟୁକ୍ରେନ ନୁହେଁ, ପାଶ୍ଚାତ୍ୟ ଦେଶମାନେ ମଧ୍ୟ ତାଙ୍କୁ ଟାର୍ଗେଟ କରିବେ ବୋଲି ପୁଟିନ ଚେତାବନୀ ଦେଇଛନ୍ତି ।

ଜିତିଆ ପର୍ବରେ...

ଦୁଃଖଦ ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ପ୍ରତ୍ୟେକ ପରିବାରକୁ ୪ ଲକ୍ଷ ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି । ଜିତିଆ ପର୍ବକୁ ଜୀବିତ ପୁତ୍ରିକା ମଧ୍ୟ କୁହାଯାଏ । ପୁଅଙ୍କ ଶୁଭ ମନାସୀ ମାଆମାନେ ଏହି କଠୋର ନିର୍ଜଳା ବ୍ରତ ପାଳନ କରନ୍ତି । ଏହି ବ୍ରତରେ ବ୍ରତଧାରୀମାନେ ପୋଖରୀ କିମ୍ବା ନଦୀରେ ସ୍ନାନ କରିବା ପରେ ସେହି ସ୍ଥାନରେ ପୂଜାର୍ଚ୍ଚନା କରନ୍ତି । ଆଶ୍ୱିନ ମାସର କୃଷ୍ଣପକ୍ଷରେ ଜିତିଆ ପର୍ବ ପାଳନ କରାଯାଏ । ଏହା ବିଶେଷ କରି ନେପାଳର ମୁଖ୍ୟ ପର୍ବ ହୋଇ ଥିବାବେଳେ ଆମ ଦେଶରେ ଉତ୍ତର ପ୍ରଦେଶ, ବିହାର ଏବଂ ଝାଡ଼ଖଣ୍ଡରେ ପାଳନ କରାଯାଇଥାଏ ।

ଅନ୍‌ଲାଇନ ଗେମିଂ...

କରୁଥିଲା ଫିନ୍ ୟୁଜର । ଆପର ଆକାଉଣ୍ଟ ଖୋଲିବା ମାତ୍ରେ ଏହାର ଗେମିଂ ପ୍ରକ୍ରିୟାରେ ସାମିଲ ହୁଅନ୍ତି । ଏହାପରେ ଗେମରୁ ରୋଜଗାର କରୁଥିବା ଟଙ୍କା ସେମାନଙ୍କ ଆକାଉଣ୍ଟରେ ଜମା ହୁଏ । ଯେତେବେଳେ ଆକାଉଣ୍ଟରେ ମୋଟା ଅଙ୍କର ଅର୍ଥ ଜମା ହୋଇଯାଏ, ସେତେବେଳେ ତୁରନ୍ତ ସେମାନଙ୍କ ଆକାଉଣ୍ଟ ହ୍ୟାକ ହୋଇଯାଏ । ବ୍ୟବହାରକାରୀମାନେ ସେମାନଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇ ପାରନ୍ତି ନାହିଁ । ଏହାପରେ ଏହି ସବୁ ଟଙ୍କା ବିଭିନ୍ନ କ୍ରିପ୍ଟୋକରେନ୍ସି ଆଡ୍ରେସକୁ ଟ୍ରାନ୍ସଫର ହୋଇଥାଏ । ଏହି ଉପାୟରେ ଆପ ଭାରତରୁ ପ୍ରାୟ ୪୦୦ କୋଟି ଟଙ୍କା ଲୁଟ କରିଥିବା ଇଡି ତଦନ୍ତରୁ ଜଣାପଡିଛି । ଏଥିରେ ଚୀନ ନାଗରିକଙ୍କ ସମ୍ପୃକ୍ତି ଥିବା ମଧ୍ୟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଜାଣିବାକୁ ପାଇଛି । ଆପ ସହ ଜଡ଼ିତ କିଛି ଚୀନ ନାଗରିକଙ୍କ ଆକାଉଣ୍ଟର ୨୫ କୋଟି ଟଙ୍କା ଅଚଳ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ।

ପୂର୍ବାଞ୍ଚଳରେ ପର୍ଯ୍ୟଟନ ବୃଦ୍ଧି ପାଇଁ ରେଲୱେର ଅବଦାନ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ଓଡ଼ିଶା, ଉତ୍ତର ଆନ୍ଧ୍ର ପ୍ରଦେଶ ଏବଂ ଦକ୍ଷିଣ ପୂର୍ବ ଛତିଶଗଡ଼ ଅଞ୍ଚଳର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ବିବିଧ ପରିବେଶ ଏବଂ ଐତିହାସିକ ସ୍ଥଳୀଗୁଡ଼ିକ ବିଶ୍ୱ ପର୍ଯ୍ୟଟକଙ୍କୁ ଆକର୍ଷଣ କରୁଛି । ପୂର୍ବତଟ ରେଳପଥ ଭାରତୀୟ ରେଳର ଏକ ପ୍ରମୁଖ ଜୋନାଲ ରେଳପଥ ଭାବରେ ଏହି ଅଞ୍ଚଳର ପର୍ଯ୍ୟଟନ କ୍ଷମତାକୁ ବୃଦ୍ଧି କରିବାରେ ମୁଖ୍ୟ ଭୂମିକା ନିଭାଉଛି । ପୂର୍ବତଟ ରେଳପଥର ସେବା ଏକ ପକ୍ଷରୁ ବର୍ଗିକୃତ ପର୍ଯ୍ୟଟନକୁ ଜୋଗାଉଥିବା ବେଳେ ଅନ୍ୟ ପକ୍ଷରୁ ଅନ୍ତର୍ଭୁକ୍ତ ଅଞ୍ଚଳଗୁଡ଼ିକର ପର୍ଯ୍ୟଟନକୁ ଆଗକୁ ବଢ଼ାଇବା ପାଇଁ ସହଯୋଗ କରୁଛି, ଯାହା ଓଡ଼ିଶା ସହିତ ଉତ୍ତର ଆନ୍ଧ୍ର ପ୍ରଦେଶ ଓ ଛତିଶଗଡର ବସ୍ତର ଅଞ୍ଚଳକୁ ଏକ ସୁଦୃଢ଼ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରୁଛି । ଚିଲିକା ହ୍ରଦ, ଏସିଆର ସବୁଠାରୁ ବଡ଼ ବ୍ରାକିଶ୍ (ଉଜ୍ଜ୍ୱଳ) ଜଳର ହ୍ରଦ । ବିଦେଶାଗତ ପକ୍ଷୀ ମାନଙ୍କର ରାବ ଦର୍ଶକମାନଙ୍କ ପାଇଁ ଏକ ସ୍ୱର୍ଗସଦୃଶ ସ୍ଥାନ । ପୂର୍ବତଟ ରେଳପଥ ଏହି ଅବସରକୁ ବହୁ ଜାତୀୟ ଏବଂ ଆନ୍ତର୍ଜାତିକ ପର୍ଯ୍ୟଟକଙ୍କ ଭ୍ରମଣ ପାଇଁ ସାହାଯ୍ୟ କରୁଛି । ବାଲୁଗାଁ ଏବଂ ଚିଲିକା ଷ୍ଟେସନ ମାଧ୍ୟମରେ ଏହାକୁ ସାରା ବିଶ୍ୱ ସହ ସଂଯୋଗ କରାଯାଇଛି । ପର୍ଯ୍ୟାପ୍ତ ସୁବିଧା ସହିତ ପୂର୍ବତଟ ରେଳପଥ ଏହି ସ୍ଥାନକୁ ପର୍ଯ୍ୟଟନ ସ୍ୱର୍ଗରେ ପରିଣତ କରିଛି । କୋରାପୁଟ-ରାୟଗଡ଼ା ଏବଂ କୋଟାଭାଲାସା-କିରନ୍ଦୁଲ ଲାଇନରେ ଅବସ୍ଥିତ ଘାଟ ସେକ୍ସନ ବହୁତ ସୁନ୍ଦର ଜଳପ୍ରପାତ ଏବଂ ପ୍ରାକୃତିକ ମନୋରମ ଭରା ଦୃଶ୍ୟ ଦେଖାଯାଏ । ଏହି ଆଦିମବାସୀ ଅଞ୍ଚଳଗୁଡ଼ିକ ସହିତ ଆରକୁ ଘାଟ ମାଧ୍ୟମରେ ଟ୍ରେନ ଯାତ୍ରାରେ ଅବସ୍ଥିତ, ପର୍ଯ୍ୟଟନର ଏକ ନୂଆ ଅନୁଭବ ଦିଏ । ପୁରୀର ସ୍ୱର୍ଣ୍ଣିମ ବେଳାଭୂମି ଓ କୋଣାର୍କ ସୂର୍ଯ୍ୟ ମନ୍ଦିର, ଟଘରଝଉଡ଼ ଦ୍ୱାରା ଆମୋଦିତ ହେବା ସହିତ ବିଶ୍ୱ ସ୍ତରରେ ପରିଚିତ ହୋଇଛି । ପୂର୍ବତଟ ରେଳପଥ ପକ୍ଷରୁ ଏହି ପର୍ଯ୍ୟଟନ ସ୍ଥଳ ଗୁଡିକ

ଶେଷ ପୃଷ୍ଠା

ଭୁବନେଶ୍ୱର
୨୭ ସେପ୍ଟେମ୍ବର
ଶୁକ୍ରବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

ଭୁବନେଶ୍ୱର : ଏ.ଜି ଛକ ସ୍ଥିତ ବି.ଆର.ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। (ଫଟୋ : ସମ୍ବାଦ କଳିକା)

ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କଲେ କେନ୍ଦ୍ର ଜଳ ଓ ଶକ୍ତି ବିଭାଗ ମନ୍ତ୍ରୀ

ପୁରୀ, ୨୬/୯ ନ୍ୟୁଜ ବ୍ୟୁରୋ
ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଜନ୍ମମାଟି ସୁଆଣ୍ଡୋ ସ୍ଥିତ ଗୋପବନ୍ଧୁ ସଂଗ୍ରହାଳୟ ପରିସରରେ ଥିବା ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ କେନ୍ଦ୍ର ଜଳ ଓ ଶକ୍ତି ବିଭାଗ ମନ୍ତ୍ରୀ ଚନ୍ଦ୍ରକାନ୍ତ ଆର ପାଟିଲ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସାମ୍ବାଦିକ ଧୀରେନ୍ଦ୍ର ନାଥ ଦାସ କେନ୍ଦ୍ରମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଏହି ଅବସରରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବୀନାରାୟଣ ନାଏକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର , ପ୍ରିନ୍ସିପାଲ ସେକ୍ରେଟାରୀ ଭିନିତ ଭରଦ୍ୱାଜ, ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ନୀଳମାଧବ ଭୋଇ (ପ୍ରୋଟୋକଲ) ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

ସଂଗ୍ରହାଳୟ ପରିସରରେ ମନ୍ତ୍ରୀ ବୃକ୍ଷରୋପଣ କରିଥିଲେ । ଘୋଡାନାଚ, ସଂକୀର୍ତ୍ତନ ମଣ୍ଡଳୀ ଓ ଶତାଧିକ ଜନତା ସ୍ୱାଗତ କରିଥିଲେ । ଏହାପରେ ସତ୍ୟବାଦୀ ସ୍ଥିତ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ କେନ୍ଦ୍ର ଜଳ ସମ୍ପଦ ମନ୍ତ୍ରୀ ସି.ଆର ପାଟିଲ। ଜଳଶକ୍ତି ମନ୍ତ୍ରାଳୟର ପାନୀୟ ଜଳ ଏବଂ ସ୍ୱଚ୍ଛତା ବିଭାଗ ପକ୍ଷରୁ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଜାରି ରହିଛି ସ୍ୱଚ୍ଛତା ହିଁ ସେବା ପକ୍ଷ। ପୁରୀ ସତ୍ୟବାଦୀ ସ୍ଥିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ଠାରେ ସ୍ୱଚ୍ଛତା ହିଁ ସେବା ଏକ ବୃହତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛତା ଦିଗରେ କାମ କରିଥିବା ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଛି। ବିଶେଷକରି ସଫେଇ ମିତ୍ରମାନଙ୍କୁ ସମ୍ମାନିତ କରିଛନ୍ତି ଜଳ ସମ୍ପଦ ମନ୍ତ୍ରୀ। ଅସ୍ତରଙ୍ଗରୁ ଭରତ ମଲ୍ଲିକ, କୁନି ନାୟକ, ପୁରୀ ସଦରରୁ ଶଙ୍କର ପ୍ରଧାନଙ୍କୁ ସଫେଇମିତ୍ର ଭାବରେ ସମ୍ମାନିତ କରାଯାଇଛି। ସୁଆଣ୍ଡୋରେ ଅନୁଷ୍ଠିତ ଏକ ପେଡ୍ ମା' କେ ନାମ୍ କାର୍ଯ୍ୟକ୍ରମରେ ସାମିଲ ହୋଇ ବୃକ୍ଷରୋପଣ କରିଛନ୍ତି କେନ୍ଦ୍ର ମନ୍ତ୍ରୀ।

କଟକ: ଗୁରୁବାର ଶାରଦୀୟ ଷୋଡଶ ଦିନାତ୍ମକ ପୂଜାର ଦ୍ୱିତୀୟ ଦିନ ସନ୍ଧ୍ୟାରେ ମା' କଟକ ଚଣ୍ଡୀ'ଙ୍କ ଭୁବନେଶ୍ୱରୀ ବେଶ ଦର୍ଶନ...। (ଫଟୋ : ସମ୍ବାଦ କଳିକା)

କ୍ରାଇମବ୍ରାଞ୍ଚ ଉପରେ ବିରକ୍ତ ହେଲେ ହାଇକୋର୍ଟ

ପୀଡ଼ିତାଙ୍କ ଆହତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ

କଟକ, ୨୬।୯ ନ୍ୟୁଜ ବ୍ୟୁରୋ
ଭରତପୁର ଥାନା ବିବାଦ ମାମଲାର ଶୁଣାଣି କରି ହାଇକୋର୍ଟଙ୍କ ଖଣ୍ଡପୀଠ କ୍ରାଇମବ୍ରାଞ୍ଚ ଉପରେ ବିରକ୍ତି ପ୍ରକାଶ କରିଛନ୍ତି। ପୀଡ଼ିତାଙ୍କ ଆହତ ରିପୋର୍ଟ କାହିଁକି ଦାଖଲ ହୋଇନାହିଁ ବୋଲି ପ୍ରଶ୍ନ କରିଛନ୍ତି ହାଇକୋର୍ଟ। ପୀଡିତାଙ୍କ ଆହତ ରିପୋର୍ଟ ଦାଖଲ କରିବାକୁ କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଶୁଣାଣି ବେଳେ କ୍ରାଇମବ୍ରାଞ୍ଚର ତଦନ୍ତକାରୀ ଅଧିକାରୀ ହାଇକୋର୍ଟରେ ଉପସ୍ଥିତ ଥିଲେ। ମାମଲାର ସଠିକ ତଦନ୍ତ ପାଇଁ ତଦନ୍ତକାରୀ ଅଧିକାରୀଙ୍କୁ ହାଇକୋର୍ଟ ତାଗିଦ କରିଛନ୍ତି। ଅକ୍ଟୋବର ୩ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନାଯୋଗ୍ୟ ଯେ, ଏକ ଜନସ୍ୱାର୍ଥ ମାମଲାର ବିଚାର କରି ଏହି ଘଟଣାରେ ସମ୍ପୃକ୍ତି ଥିବା ସମସ୍ତ ଲୋକଙ୍କର ପରିଚୟ ସାର୍ବଜନୀନ ନକରିବାକୁ ପୂର୍ବରୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ ।

ପାଟଣା ଓ ଗୁଜୁରାଟ ହାଇକୋର୍ଟ ଉପରେ ବର୍ଷିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୬/୯
ଜଣେ ବିଧବା ମହିଳାଙ୍କ ମେକଅପ୍ ଉପରେ ଟିପ୍ପଣୀ କରି ଅଡୁଆରେ ପାଟନା ହାଇକୋର୍ଟ । ସୁପ୍ରିମକୋର୍ଟ ହାଇକୋର୍ଟର ଜଜ୍‌ଙ୍କ ଉପରେ ବର୍ଷିଛନ୍ତି । ଏହା ସହ ସର୍ବୋଚ୍ଚ ଅଦାଲତ ପାଟନା ହାଇକୋର୍ଟକୁ ତାଗିଦ ମଧ୍ୟ କରିଛନ୍ତି । ନିକଟରେ ପାଟନା ହାଇକୋର୍ଟରେ ଜଣେ ମହିଳାଙ୍କ ହତ୍ୟା ମାମଲାକୁ ନେଇ ଶୁଣାଣି ହୋଇଥିଲା । ପୀଡ଼ିତାଙ୍କ ଘରୁ ମେକ୍‌ଅପ୍ ସାମଗ୍ରୀ ମିଳିବାକୁ ନେଇ ଶୁଣାଣି ସମୟରେ ହାଇକୋର୍ଟ କହିଥିଲେ ଯେ, ଜଣେ ବିଧବା ମହିଳାଙ୍କ ପାଇଁ ମେକଅପ୍ ଆବଶ୍ୟକ ନାହିଁ । ଏହି ମନ୍ତବ୍ୟ ଉପରେ ସୁପ୍ରିମକୋର୍ଟ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହା ଅତ୍ୟନ୍ତ ଆପତ୍ତିଜନକ ବୋଲି କହିଛନ୍ତି ସୁପ୍ରିମକୋର୍ଟ । ଏଭଳି ମନ୍ତବ୍ୟ ନ୍ୟାୟପାଳିକାଠାରୁ ଆଶା କରାଯାଏ ନାହିଁ । ଏଭଳି ମନ୍ତବ୍ୟ ଆଇନଗତ ଭାବେ ଗ୍ରହଣୀୟ ନୁହେଁ । ଜଷ୍ଟିସ ବେଲା ଏମ ତ୍ରିବେଦୀ ଏବଂ ସତ୍ୟେନ୍ଦ୍ର ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ କହିଛନ୍ତି ଯେ, ଏଭଳି ମନ୍ତବ୍ୟ ଆଇନଗତ ନୁହେଁ । ଏହି ମନ୍ତବ୍ୟ କୌଣସି ପ୍ରମାଣ ଆଧାରରେ କରାଯାଇ ନାହିଁ ଏବଂ ବିଚାରପତିଙ୍କ ଏଭଳି ମନ୍ତବ୍ୟ ନ୍ୟାୟପାଳିକାର ସମ୍ବେଦନଶୀଳତା ଏବଂ ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି । ୧୯୮୫ର ଏକ ହତ୍ୟା ମାମଲାରେ ହାଇକୋର୍ଟ ଏଭଳି ମନ୍ତବ୍ୟ ଦେଇଥିଲେ । ପାଟନାର ମୁଙ୍ଗେରରେ ଜଣେ ମହିଳାଙ୍କୁ ଅପହରଣ କରି ହତ୍ୟା କରାଯାଇଥିଲା । ପାଟନା ହାଇକୋର୍ଟ ଏହି ମାମଲାରେ ୫ ଜଣଙ୍କୁ ଦଣ୍ଡିତ କରିଥିବାବେଳେ ଦୁଇ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ । ସେହିପରି ଅନ୍ୟ ଦୁଇ ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ । ହାଇକୋର୍ଟଙ୍କ ଏହି ରାୟ ବିରୋଧରେ ଦାଖଲ ହୋଇଥିବା ଆବେଦନଗୁଡ଼ିକର ସୁପ୍ରିମକୋର୍ଟ ଶୁଣାଣି କରିଥିଲେ । ଶୁଣାଣି ସମୟରେ ପୀଡ଼ିତାଙ୍କ ଘରୁ ମିଳିଥିବା ମେକ୍‌ଅପ୍ ସାମଗ୍ରୀକୁ ପ୍ରମାଣ ଭାବରେ ପାଟନା ହାଇକୋର୍ଟ ଗ୍ରହଣ କରିଥିବାରୁ ଏହା ଉପରେ ସୁପ୍ରିମକୋର୍ଟ ପ୍ରଶ୍ନ କରିଥିଲେ। ଜଣେ ବିଧବା ମହିଳା ମଧ୍ୟ ସେହି ଘରେ ରହୁଥିଲେ।

ପାଟନା ହାଇକୋର୍ଟଙ୍କ ଅନୁସାରେ, ମେକ୍‌ଅପ୍ ସାମଗ୍ରୀ ବିଧବା ମହିଳାଙ୍କର ହୋଇ ନଥିବ, କାରଣ ତାଙ୍କୁ ମେକ୍‌ଅପ୍ ଦରକାର ନାହିଁ । ସୁପ୍ରିମକୋର୍ଟ ପାଟନା ହାଇକୋର୍ଟଙ୍କ ଏହି ଯୁକ୍ତିକୁ ଗ୍ରହଣ କରିବାକୁ ମନା କରିଦେଇଥିଲେ । ଏହାସହ ପ୍ରମାଣ ଅଭାବ ଥିବା ଦର୍ଶାଇ ସୁପ୍ରିମକୋର୍ଟ ସମସ୍ତ ୭ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ସେହିଭଳି ବିଲକିସ ବାନୋଙ୍କ ମାମଲାରେ ଦେଇଥିବା ରାୟର ପୁନର୍ବିଚାର କରିବାକୁ ଗୁଜରାଟର ଆବେଦନକୁ ଖାରଜ କଲେ ସୁପ୍ରିମକୋର୍ଟ। ୨୦୦୨ ଗୁଜରାଟ ଦଙ୍ଗା ପୀଡ଼ିତ ବିଲକିସ ବାନୋଙ୍କୁ ଅପରାଧିମାନେ ଗଣଦୁଷ୍କର୍ମ କରିବା ସହ ପରିବାର ୭ ଜଣଙ୍କୁ ହତ୍ୟା କରିଥିଲେ। ଏହି ମାମଲାରେ ଦୋଷୀମାନେ ଦୀର୍ଘ ବର୍ଷ ସଜା କାଟି ସାରିବା ପରେ ଗୁଜରାଟ ସରକାର କ୍ଷମା କରି ସେମାନଙ୍କୁ ମୁକ୍ତ କରିଦେଇଥିଲେ। ଯାହା ବିରୋଧରେ ବିଲକିସ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବାରୁ ଚଳିତ ବର୍ଷ ଜାନୁଆରୀ ୮ରେ କୋର୍ଟ ଗୁଜରାଟ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ନିନ୍ଦା କରିବା ସହ ରେମିସନ(ଦୋଷ କ୍ଷମା)କୁ ଖାରଜ କରିଦେଇଥିଲେ। ଏହାପରେ ରାୟର ପୁନର୍ବିଚାର କରିବାକୁ ଗୁଜରାଟ ସରକାରଙ୍କ ପକ୍ଷରୁ ଆବେଦନ କରାଯାଇଥିଲେ ବି ସୁପ୍ରିମକୋର୍ଟ ଗୁରୁବାର ଏହାକୁ ଖାରଜ କରିଦେଇଛନ୍ତି। ରିଭିୟୁ ପିଟିସନକୁ ତନ୍ନ ତନ୍ନ କରି ଯାଞ୍ଚ କରିବା ପରେ ପୂର୍ବ ରାୟର ପୁନର୍ବିଚାର କରିବାର କୌଣସି ଯଥାର୍ଥ ନାହିଁ ବୋଲି ଜଷ୍ଟିସ ବିଭି ନାଗରତ୍ନା ଓ ଜଷ୍ଟିସ ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି।

କନ୍ଧମାଳ, ଢେଙ୍କାନାଳ, ନୂଆପଡା ଜିଲ୍ଲାର ବିଜେଡି ସାଂଗଠନିକ ସମ୍ମିଳନୀ

ଜିଲ୍ଲା ନେତୃମଣ୍ଡଳୀ ଲୋକଙ୍କ ସୁଖଦୁଃଖରେ ନିଜକୁ ସାମିଲ କରନ୍ତୁ: ନବୀନ

ଭୁବନେଶ୍ୱର, ୨୬/୦୯ ନ୍ୟୁଜ ବ୍ୟୁରୋ
ଶଙ୍କ ଭବନରେ ଆୟୋଜିତ କନ୍ଧମାଳ, ଢେଙ୍କାନାଳ ଓ ନୂଆପଡା ଜିଲ୍ଲା ସାଙ୍ଗଠନିକ କର୍ମକର୍ତ୍ତା ସମ୍ମିଳନୀରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଯୋଗ ଦେଇ ଜିଲ୍ଲାର କର୍ମକର୍ତ୍ତା, ନିର୍ବାଚିତ ପ୍ରତିନିଧିମାନଙ୍କ ସହ ସଂଗଠନ ବିଷୟରେ ସିଧାସଳଖ ଆଲୋଚନା କରିଛନ୍ତି । କନ୍ଧମାଳ ଜିଲ୍ଲାର ନେତୃମଣ୍ଡଳୀ ତାଙ୍କ ଅଭିଭାଷଣରେ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରି କହିଥିଲେ, ଗତ ନିର୍ବାଚନରେ ଦଳର କିଛି ବରିଷ୍ଠ ନେତାଙ୍କ ମଧ୍ୟରେ ସମନ୍ୱୟର ଅଭାବ ଓ ବିଜେପିର ମିଛ ପ୍ରଚାର ଯୋଗୁ ଆମେ ବାଲିଗୁଡା ନିର୍ବାଚନ ମଣ୍ଡଳୀରେ ବିଜୟ ଲାଭ କଲେ ମଧ୍ୟ ଅନ୍ୟ ଦୁଇଟି ନିର୍ବାଚନ ମଣ୍ଡଳୀରେ ପରାଜୟ ବରଣ କଲୁ। ଆଗାମୀ ଦିନରେ ସାଙ୍ଗଠନିକ ତ୍ରୁଟିକୁ ସଂଶୋଧନ କରି ଦଳ କିଭଳି ମଜଭୁତ ହୋଇପାରିବ ସେ ସଂପର୍କରେ ବିସ୍ତୃତ ପ୍ରସ୍ତାବ ଦେଇଥିଲେ। ଏହି ସଭାରେ ଶ୍ରୀ ପଟ୍ଟନାୟକ କହିଲେ, "ଆପଣମାନେ ବହୁ ପରିଶ୍ରମ କରିବା ସତ୍ତ୍ୱେ ଦଳ ଜିଲ୍ଲାରେ ଆଶାନୁରୂପ ପ୍ରଦର୍ଶନ କରିପାରିଲା ନାହିଁ। ଖୁବ୍ କମ୍ ବ୍ୟବଧାନରେ ଆମକୁ ଦୁଇଟି ଆସନରେ ପରାଜୟବରଣ କରିବାକୁ ପଡିଲା। କନ୍ଧମାଳ ଜିଲ୍ଲାରେ ବହୁ ଉନ୍ନୟନ ମୂଳକ କାର୍ଯ୍ୟ କରାଯାଇଛି। ଆପଣମାନଙ୍କ ସହ ଅଛି ଏବଂ ଆଗାମୀ ଦିନରେ ମୁଁ କନ୍ଧମାଳ ଜିଲ୍ଲା ଗସ୍ତ କରିବି। ଜିଲ୍ଲାର ନେତୃମଣ୍ଡଳୀ ଏକ ହୋଇ ଲୋକଙ୍କ

ସୁଖଦୁଃଖରେ ନିଜକୁ ସାମିଲ କରନ୍ତୁ ଏବଂ ବିଜେପି ସରକାରର ବିଫଳତାକୁ ଲୋକଲୋଚନକୁ ଆଣନ୍ତୁ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । ସେହିପରି ଢେଙ୍କାନାଳ ଜିଲ୍ଲାର କାର୍ଯ୍ୟକର୍ତ୍ତା, କର୍ମୀ ଓ ନିର୍ବାଚିତ ପ୍ରତିନିଧିମାନଙ୍କ ସହ ସଂଗଠନ ବିଷୟରେ ସିଧାସଳଖ ଆଲୋଚନା କରିଛନ୍ତି ଶ୍ରୀ ପଟ୍ଟନାୟକ । ଢେଙ୍କାନାଳ ନେତୃମଣ୍ଡଳୀ ତାଙ୍କ ଅଭିଭାଷଣରେ ଶ୍ରୀ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରି କହିଥିଲେ, ଆମ ଜିଲ୍ଲାରେ ସମସ୍ତ ବିଧାୟକ ହାରିଛୁ, ଆପଣଙ୍କ ଦିଗଦର୍ଶନରେ ଆଗାମୀ ଦିନରେ ଆମେ ଏକ ହୋଇ ଦଳକୁ ଜିଲ୍ଲାରେ ମଜଭୁତ କରିବା ପାଇଁ କାମ କରିବା ସହିତ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ କିଭଳି ଭଲ ପ୍ରଦର୍ଶନ କରିବ ସେଥିପାଇଁ ଆମେ ଯତ୍ନବାନ ହେବୁ। ଏହି ସଭାରେ ଶ୍ରୀ ପଟ୍ଟନାୟକ କହିଲେ, ଆପଣମାନେ ବହୁ ପରିଶ୍ରମ କରିବା ସତ୍ତ୍ୱେ ଦଳ ଜିଲ୍ଲାରେ ଭଲ ପ୍ରଦର୍ଶନ କରିପାରିଲା ନାହିଁ। "ଆମ ସମୟରେ ଢେଙ୍କାନାଳରେ ବହୁ ଉନ୍ନୟନ ମୂଳକ କାର୍ଯ୍ୟ କରାଯାଇଛି। ଯଥା ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ କ୍ଷେତ୍ରରେ ପ୍ରଭୂତ ଉନ୍ନତି ହୋଇଛି। ଆପଣମାନେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଆହୁରି ଅଧିକ ପରିଶ୍ରମ କରି ଦଳକୁ ଜିତାଇବା ପାଇଁ ଶ୍ରୀ ପଟ୍ଟନାୟକ ଅନୁରୋଧ କରିଥିଲେ।

ସେହିପରି ନୂଆପଡା ନେତୃମଣ୍ଡଳୀ ତାଙ୍କ ଅଭିଭାଷଣରେ ଶ୍ରୀ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରି କହିଥିଲେ, ଆମ ଜିଲ୍ଲାର ସମସ୍ତ ବିକାଶ ମୂଳକ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି। ଆମ ଜିଲ୍ଲାର ବିକାଶ ପାଇଁ ଆମେ ଯାହା ମାଗିଛୁ, ଆପଣ ଅଜାଡି ଦେଇଛନ୍ତି। ଏବେ ସମୟ ଆସିଛି ଆପଣଙ୍କୁ ଫେରାଇବାର। ଆମେ ସମସ୍ତ ନେତୃବୃନ୍ଦ ପ୍ରତିଶ୍ରୁତି ଦେଉଛୁ, ଆପଣଙ୍କୁ ୧୪ରୁ ୧୪ ଜିଲ୍ଲା ପରିଷଦ ଓ ୫ଟି ବ୍ଲକର ଚେୟାରମ୍ୟାନ ଜିତାଇ ଆପଣଙ୍କ ପାଖରେ ପହଞ୍ଚାଇବୁ। ଏହି ସଭାରେ ଶ୍ରୀ ପଟ୍ଟନାୟକ କହିଲେ, ଆପଣମାନେ ବହୁ ପରିଶ୍ରମ କରି ଦୁଇ ଜଣ ବିଧାୟକ ଜିତାଇଥିବାରୁ ଆପଣଙ୍କୁ ବହୁତ ଧନ୍ୟବାଦ। ଆଗାମୀ ପଞ୍ଚାୟତ ନିର୍ବାଚନରେ ଏଭଳି ପରିଶ୍ରମ କରି ଦଳକୁ ଜିତାଇବାକୁ ପାଇଁ ମୁଁ ଅନୁରୋଧ କରୁଛି।

କିମ୍‌ସ ଡାକ୍ତରଙ୍କ ସଫଳ ପ୍ରୟାସ : ଇକ୍‌ମୋ ବଞ୍ଚାଇଲା ଜୀବନ

ଭୁବନେଶ୍ୱର,୨୬।୯ ନ୍ୟୁଜ ବ୍ୟୁରୋ
କିମ୍‌ସ ଡାକ୍ତରଙ୍କ ଅପ୍ରାଣ ଉଦ୍ୟମ ଯୋଗୁଁ ମୃତ୍ୟୁ ମୁଖରୁ ଫେରିଆସିଛନ୍ତି ଜଣେ ଯୁବକ । ପଡ଼ୋଶୀ ପଶ୍ଚିମବଙ୍ଗର ଏହି ରୋଗୀଙ୍କ ଛାତି ଓ ଫୁସ୍‌ଫୁସ୍ ସାଂଘାତିକ ଭାବେ ସଂକ୍ରମିତ ହୋଇ ସଂକଟାପନ୍ନ ହୋଇଥିଲେ । ତାଙ୍କୁ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ (କିମ୍‌ସ)ରେ ଭର୍ତ୍ତି କରାଯାଇଥିଲା । ଆପାତ୍‌କାଳୀନ ସ୍ଥିତିରେ ତୁରନ୍ତ ତାଙ୍କର ଚିକିତ୍ସା ପାଇଁ କିମ୍‌ସ ଡାକ୍ତର ଓ ବିଶେଷଜ୍ଞ ଲାଗିପଡ଼ିଥିଲେ । ତାଙ୍କୁ ଜୀବନ ରକ୍ଷାକାରୀ ଯନ୍ତ୍ର କୁହାଯାଉଥିବା ଇକ୍‌ମୋର ସହାୟତାରେ ନିଶ୍ଚିତ ମୃତ୍ୟୁ ମୁଖରୁ ଫେରାଇ ଆଣିବାକୁ କିମ୍‌ସ ଡାକ୍ତରମାନେ ସଫଳ ହୋଇଛନ୍ତି । କିମ୍‌ସ ସୁପରସ୍ପେସିଆଲିଟି ହସ୍‌ପିଟାଲ୍‌ର କ୍ରିଟିକାଲ କେୟାର ଭେଷଜ ଡାକ୍ତର ସୁନୀଲ କୁମାର ଜେନା, ସିଟିଭିଏସ୍ ଡା. ଚନ୍ଦନ କୁମାର ରାୟ ମହାପାତ୍ର, ପଲମୋନାରୀ ମେଡିସିନ୍ ଡା. ଦେବାଶିଷ ବେହେରାଙ୍କ ମିଳିତ ଉଦ୍ୟମ ଯୋଗୁଁ ଏହି ଚିକିତ୍ସା ସଫଳ ହୋଇପାରିଛି । ଡାକ୍ତରୀ ଦଳ ଭି ଭି ଇକ୍‌ମୋ ପ୍ରକ୍ରିୟାରେ ଶ୍ୱାସକ୍ରିୟାକୁ ସ୍ୱାଭାବିକ କରିବାରେ ସଫଳ ହୋଇଥିଲେ । ରୋଗୀ ଏବେ ସୁସ୍ଥ ଅଛନ୍ତି ।

ନନ୍ଦନକାନନରେ ଆଖି ବୁଜିଲା 'ଅଭି'

ଭୁବନେଶ୍ୱର ୨୬।୯ ନ୍ୟୁଜ ବ୍ୟୁରୋ
ଆଖି ବୁଜିଲା 'ଅଭି' । ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ୧୭ ମାସର ହାତୀ 'ଅଭି'ର ମୃତ୍ୟୁ ଘଟିଛି । ପ୍ରାଣୀ ଚିକିତ୍ସାଳୟ ନିକଟରେ ରହୁଥିବା ହାତୀ 'ଅଭି' ହରପିସ ରୋଗରେ ଆକ୍ରାନ୍ତ ହୋଇ ଗୁରୁତର ହୋଇପଡିଥିଲା । ତା'ର ହରପିସ ପଜିଟିଭି ବାହାରିବା ପରଠାରୁ ବିଶେଷଜ୍ଞମାନେ ଆସି ଚିକିତ୍ସା ଜାରି ରଖିଥିଲେ । ସ୍ୱାସ୍ଥ୍ୟରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହୋଇଥିଲେ ମଧ୍ୟ ଶେଷରେ ଗୁରୁବାର ଆଖି ବୁଜିଛି । ସୋମବାର ସକାଳୁ ଗୋଟିଏ ସ୍ଥାନରେ ଶୋଇ ରହିଥିବା ବେଳେ ଠିକ୍ ଭାବରେ ଖାଦ୍ୟ ଗ୍ରହଣ କରୁନଥିଲା । ପରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ୨୪ ଘଣ୍ଟିଆ 'ଅଭି' ଉପରେ ନଜର ରଖିଥିଲେ । 'ଅଭି'କୁ ଶୀଘ୍ର ସୁସ୍ଥ କରିବା ପାଇଁ କର୍ତ୍ତୃପକ୍ଷ ବିଭିନ୍ନ ସ୍ଥାନର ହାତୀ ବିଶେଷଜ୍ଞମାନଙ୍କ ସହିତ ଯୋଗାଯୋଗ କରି ଉନ୍ନତ ମାନର ଚିକିତ୍ସା ଜାରି ରଖିଥିଲେ ମଧ୍ୟ ଗୁରୁବାର 'ଅଭି'ର ମୃତ୍ୟୁ ପରେ ପ୍ରାଣୀ ଉଦ୍ୟାନରେ ଶୋକର ଛାୟା ଖେଳି ଯାଇଛି ।

ଉଦ୍‌ଘାଟନ ଅପେକ୍ଷାରେ ଭୁବନେଶ୍ୱର ଜୁଡିସିଆଲ କୋର୍ଟ କମ୍ପ୍ଲେକ୍ସ। (ଫଟୋ : ସମ୍ବାଦ କଳିକା)

ଶୀତ ଆସିବା ପୂର୍ବରୁ ଅଣନିଃଶ୍ୱାସୀ ହୋଇଗଲାଣି ଦିଲ୍ଲୀ : ଏକ୍ୟୁଆଇ ୩୦୦ ପାର

ନୂଆଦିଲ୍ଲୀ, ୨୬/୯
ଶୀତ ଋତୁ ଆସିବା ପୂର୍ବରୁ ଦିଲ୍ଲୀର ଅବସ୍ଥା ବେହାଲ ହେବାରେ ଲାଗିଛି । ରାଜଧାନୀ ଦିଲ୍ଲୀରେ ବାୟୁର ଗୁଣବତ୍ତା ଖରାପ ହୋଇଛି । ଏୟାର କ୍ୱାଲିଟି ଇଣ୍ଡେକ୍ସ ୩୦୦ ଉପରକୁ ଯାଇଥିବା ବେଳେ ବାୟୁର ମାନ 'ଅତି ଖରାପ' ସ୍ତରକୁ ଚାଲିଯାଇଛି । ଶୀତ ଋତୁରେ ଦିଲ୍ଲୀରେ ବାୟୁ ପ୍ରଦୂଷଣ ଚରମରେ ପହଞ୍ଚିଯାଏ । ଏଥିପାଇଁ ଦିଲ୍ଲୀବାସୀ ପ୍ରସ୍ତୁତି କରୁଥିବା ବେଳେ ହଠାତ ଗୁରୁବାର ଦିଲ୍ଲୀର ଏକ୍ୟୁଆଇ ୩୦୦ ଟପିଯିବା ପରେ ଚିନ୍ତା ପ୍ରକାଶ ପାଇଛି। ଏକ୍ୟୁଆଇ ୦-୫୦ ମଧ୍ୟରେ ରହିଲେ ବାୟୁର ମାନ ଭଲ ଥାଏ ବୋଲି ଧରାଯାଏ । ୫୧-୧୦୦ ରହିଲେ ବାୟୁର ମାନ ସନ୍ତୋଷଜନକ । ୩୦୧-୪୦୦ ଭିତରେ ଏକ୍ୟୁଆଇ ରହିଲେ ବାୟୁର ମାନ ଅତି ଖରାପ ସ୍ତରକୁ ଖସିଆସେ । ଦିଲ୍ଲୀର ବିଭିନ୍ନ ଅଞ୍ଚଳରେ ବାୟୁର ମାନ ଅତି ଖରାପ ସ୍ତରକୁ ଖସିଆସିଥିବା ଜଣାପଡ଼ିଛି । ଶୀତ ଋତୁରେ ଦିଲ୍ଲୀରେ ବାୟ